ଧରିତ୍ରୀ
DHARITRI
April 11-17, 2021 ₹ 2/-

# ଛୁଟିଦିନ

# ସମ୍ପର୍କ ଭଲପାଇବାର



କଥା ସିନା କହି ପାରନ୍ତିନି, ହେଲେ ବେଶ୍ ବୁଝନ୍ତି ଭଲପାଇବା ଆଉ ବିଶ୍ୱାସର ଭାଷା। ତାଙ୍କ ଦୁନିଆରେ କୃତଘ୍ନ ଶବ୍ଦ ହିଁ ନାହିଁ। ଭଲପାଇବାରେ ବନ୍ଧା ସେମାନେ, ଯିଏ ତାଙ୍କୁ ଆଦରରେ ଆଉଁଶି ଦିଏ ତା' ପାଇଁ ସେମାନେ ଜୀବନ ବି ଦେଇପାରନ୍ତି...

୩ ପ୍ରଚ୍ଛଦ ପ୍ରସଙ୍ଗ

୮/୯ ସିନେମା




୧୩ ସହରଠୁ ଦୂର

# ଘରେ ଶାନ୍ତି ରହିବା ପାଇଁ ...

**ବେଳେବେଳେ ଦେଖାଯାଏ, କିଛି ବିଶେଷ କାରଣ ନଥାଇ ବି ଘରେ ଝଗଡ଼ା ଲାଗି ସମ୍ପର୍କରେ ତିକ୍ତତା ଆସିଥାଏ। ଏ କ୍ଷେତ୍ରରେ ଘରେ କିଛି ବାସ୍ତୁଦୋଷ ରହିଥିବା ଅନେକେ ସନ୍ଦେହ କରିଥାନ୍ତି। ବାସ୍ତୁ ଅନୁସାରେ ଘରେ କେମିତି ଶାନ୍ତି ବଜାୟ ରହିବ ସେ ନେଇ କିଛି ଟିପ୍ସ...**

- ସୋରିଷ ତେଲରେ ଲବଙ୍ଗ ପକାଇ ଦୀପ ଜଳାଇଲେ ଘରେ ଶାନ୍ତି ବଜାୟ ରହିଥାଏ ବୋଲି ବିଶ୍ୱାସ କରାଯାଏ।
- ସପ୍ତାହରେ ଥରେ ହେଉନା କାହିଁକି ଘରେ ଝୁଣା ଧୂପ ଲଗାଇବା ଶୁଭ ସୂଚକ ହୋଇଥାଏ।



- ପ୍ରତି ଗୁରୁବାର ଦିନ ତୁଳସୀ ଚଉରାରେ କିଛି କ୍ଷୀର ଢାଳିଲେ ଘରେ ଅଯଥାରେ କଳହ ଲାଗେ ନାହିଁ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।
- ସେହିପରି ତାୱାରେ ରୁଟି ସେକିବା ପୂର୍ବରୁ ସେଥିରେ କିଛି କ୍ଷୀରର ଛିଟା ମାରିକି ସେକିବା ସହ ପ୍ରଥମ ରୁଟିକୁ ଗୋମାତାଙ୍କୁ ଖାଇବାକୁ ଦେଲେ ଘରେ ସୁଖଶାନ୍ତି ବଢିଥାଏ।
- ଘରେ ଗୋଟିଏ ରେଖାରେ ତିନୋଟି କବାଟ ରହିବା ଆଦୌ ଶୁଭ ଲକ୍ଷଣ ହୋଇ ନଥାଏ।
- ଭଙ୍ଗାରୁଜା କିମ୍ବା ଅନାବଶ୍ୟକ ଜିନିଷ ତଥା ଶୁଖିଲା ଫୁଲ ଆଦିକୁ ଘରେ ରଖିବା ଉଚିତ୍ ନୁହେଁ।
- ସନ୍ଥ ମହାତ୍ମାଙ୍କ ଆଶୀର୍ବାଦ ଭଙ୍ଗୀର ଫଟୋକୁ ଡ୍ରଇଂ ରୁମ୍‌ରେ ଲଗାଇଲେ ଘରେ ସୁଖଶାନ୍ତି ବୃଦ୍ଧି ପାଇଥାଏ।
- ସେହିପରି ଘରର ଦକ୍ଷିଣ-ପୂର୍ବ କୋଣରେ ସବୁଜୀମା ଭରା ଚିତ୍ର ଲଗାଇବା ଦ୍ୱାରା ଘରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୧୧-୧୭

**ମେଷ:** ସ୍ୱାସ୍ଥ୍ୟ ସମସ୍ୟାରୁ ଦୁଶ୍ଚିନ୍ତା, ପରିବାରରେ ବିବାଦ, ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱ, ମାନସିକ ବ୍ୟଥା, ବନ୍ଧୁଙ୍କ ସାହାଯ୍ୟ, ଶୁଭଖବର ପ୍ରାପ୍ତି, କର୍ମକ୍ଷେତ୍ରରେ ପ୍ରଶଂସା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି, ଆଲୋଚନା ଫଳପ୍ରଦ ହେବ।

**ବୃଷ:** ଆବଶ୍ୟକତା ପୂରଣ, ଅର୍ଥାଭାବ ଦୂର ହେବ, କାମ ଅସମ୍ପୂର୍ଣ୍ଣ ରହିପାରେ। ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ସନ୍ତାନ ହେତୁକ ପୀଡା, ସାହସିକ କାର୍ଯ୍ୟରୁ ପ୍ରଶଂସା, ବନ୍ଧୁଙ୍କ ନିମନ୍ତ୍ରଣ ପ୍ରାପ୍ତି,ବ୍ୟବସାୟିକ ସଫଳତା।

**ମିଥୁନ:** କାମ ହାସଲ କରିବେ, ଲୋକ ସମ୍ପର୍କ ବଢ଼ିବ, ଅର୍ଥସମ୍ପର୍କୀୟ ବିବାଦ, ଭ୍ରାତୃବନ୍ଧୁଙ୍କ ଅସହଯୋଗ, ଦୁଶ୍ଚିନ୍ତା କାରଣରୁ କଳହ, ସାମୟିକ ସ୍ୱାସ୍ଥ୍ୟହାନି, ନୂଆ ଯୋଜନା କରିବେ, ଯାନ୍ତ୍ରିକ ଜିନିଷ କ୍ରୟ, କଳାସାହିତ୍ୟରେ ପ୍ରଶଂସା।

**କର୍କଟ:** ବନ୍ଧୁଙ୍କ ଉପରେ ସନ୍ଦେହ, ପୈତୃକ ସମ୍ପତ୍ତିରେ କଳହ ସୃଷ୍ଟି, ଆଇନ ସହାୟତା ଲୋଡିବେ, ବିଚାର ସପକ୍ଷରେ ଯିବ, କର୍ମକ୍ଷେତ୍ରରେ ସମ୍ମାନ ଲାଭ। ଅପରିଚିତ ସକାଶେ ବ୍ୟସ୍ତତା, ଅବହେଳିତ କାମରୁ ଅନୁତାପ।

**ସିଂହ:** ସରସତା ରହିବ ନାହିଁ, ଭାବପ୍ରକାଶରେ ପଛେଇବେ, କାମ ଉତ୍ସାହପ୍ରଦ ହେବନି, ଟେନସନ୍ ବଢିବ, ବାଣିଜ୍ୟରେ ପ୍ରତିବନ୍ଧକ, ମିତ୍ରବନ୍ଧୁ ଜୁଟିବେ, ମାନସିକ ଶାନ୍ତି ଫେରିବ, ଅର୍ଥଲାଭ ହୋଇପାରେ।

**କନ୍ୟା:** ଯାତ୍ରାରେ ଲକ୍ଷ୍ୟପୂରଣ, ଅବହେଳାରୁ ଅପମାନ, ସହକର୍ମୀଙ୍କ ଦ୍ୱାରା କାମ ହାସଲ। କାମ ବାଧାପ୍ରାପ୍ତ ହୋଇପାରେ, ମିତ୍ରଙ୍କ ସମବେଦନା, ବାଣିଜ୍ୟିକ ସଫଳତା, ଜିନିଷ ହଜିଯାଇପାରେ।

**ତୁଳା:** ଋଣ ପରିଶୋଧ କରିବେ, ଆର୍ଥିକ ଉନ୍ନତି, ପରିବାରରେ ଭୁଲ୍ ବୁଝାମଣା, ସମ୍ପର୍କୀୟଙ୍କ ଅନାଦର, କର୍ମକ୍ଷେତ୍ରରେ ତର୍କବିବାଦ, ରାଜନୀତିରେ ସୁଯୋଗ, ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ, ପରିସ୍ଥିତିକୁ ସୁଧାରି ନେବେ, ଉଚ୍ଚବର୍ଗଙ୍କ ସାହାଯ୍ୟ।

**ବିଛା:** ମାନସିକ ଅସ୍ଥିରତା, କାର୍ଯ୍ୟହାନିରୁ ମନସ୍ତାପ, ବନ୍ଧୁଙ୍କ ସ୍ୱାର୍ଥପରତା, ସ୍ୱାସ୍ଥ୍ୟ ଭଲ ରହିବ, ଅଭାବ ଦୂରହେବ, ନୂଆବନ୍ଧୁ ଘରକୁ ଆସିବେ, ବ୍ୟବସାୟରେ କମ୍‌ଲାଭ, ଦୂରଯାତ୍ରାର ଯୋଜନା, ରାଜନୈତିକ ସଫଳତା।

**ଧନୁ:** ବନ୍ଧୁମାନଙ୍କ ସହଯୋଗ, ପଦସ୍ଥବ୍ୟକ୍ତିଙ୍କ ପ୍ରଶଂସା, ଯାନ୍ତ୍ରିକତ୍ରୁଟିରୁ ଯାତ୍ରାହାନି, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, କୃଷିପଶୁରେ ଉନ୍ନତି, ଶିଳ୍ପବାଣିଜ୍ୟରେ ସମସ୍ୟା, ଅବହେଳାରୁ କୈଫିୟତ ତଲବ।

**ମକର:** ବୁଝାମଣାରେ ଅଗ୍ରଗତି, ମତ ବଦଳାଇବେ, ସମସ୍ୟାର ପରିସମାପ୍ତି, ସରକାରୀ ସହାୟତା, ପଡୋଶୀଙ୍କ ସାହାଯ୍ୟ, ଜିଦ୍‌ଖୋରରୁ ଅନର୍ଥ, ସୁସମ୍ପର୍କ ବ୍ୟାହତ, ପ୍ରଶାସନିକ ସଫଳତା, ସନ୍ତାନଙ୍କ କୃତିତ୍ୱ ।

**କୁମ୍ଭ:** ନୈରାଶ୍ୟ ଦୂର ହେବ, ନୂତନ ସମ୍ପର୍କ ସୃଷ୍ଟି, ଆନୁଷ୍ଠାନିକ କାମ, ସାମାଜିକ ପ୍ରଶଂସା, ସାହିତ୍ୟ ସଙ୍ଗୀତରୁ ସୁନାମ, ଦେହ ଭଲ ରହିବ, ସହକର୍ମୀଙ୍କ ଦୌରାତ୍ମ୍ୟ, ନର୍କଜଞ୍ଜାଳ ବୃଦ୍ଧି, ପ୍ରଶାସନିକ ତତ୍ପରତା, ରାଜନୈତିକ ସଂଘର୍ଷ।

**ମୀନ:** ମାନସିକ ଅସ୍ଥିରତା, ଧନହାନି ସାଙ୍ଗକୁ ପ୍ରାଣପୀଡା, ପାଖପଡୋଶୀଙ୍କ ହୀନମନ୍ୟତା, ପରିବହନରେ ଉନ୍ନତି, ଇଲେକ୍‌ଟ୍ରୋନିକ୍ସ ବ୍ୟବସାୟରେ ସମସ୍ୟା, ମାଙ୍ଗଳିକ କାମର ଯୋଜନା, ଦୂରଯାତ୍ରାରେ ବିଘ୍ନ, ଲୋକସମ୍ପର୍କ ହାନି, ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

# ବିଷାକ୍ତ ଛତୁ

ମସ୍‌ରୁମ୍ ବା ଛତୁରେ ବିଭିନ୍ନ ପ୍ରକାରର ପୌଷ୍ଟିକ ତତ୍ତ୍ୱ ଭରି ରହିଥାଏ। ତା'ଛଡ଼ା ଏହା ଖୁବ୍ ସ୍ୱାଦିଷ୍ଟ ବି। କିନ୍ତୁ ଏଠାରେ ଯେଉଁ ଛତୁ ସମ୍ପର୍କରେ କୁହାଯାଉଛି, ତାହାକୁ ଖାଇବା ତ ଦୂର କଥା ଛୁଇଁବା ମାତ୍ରେ ଶରୀର ଅସୁସ୍ଥ ହୋଇଯିବ। ଅଷ୍ଟ୍ରେଲିଆର କୁଇନ୍ସଲ୍ୟାଣ୍ଡରେ ଦେଖିବାକୁ ମିଳୁଥିବା ଏହି ଲାଲ୍ ରଙ୍ଗର ବିଷାକ୍ତ ଛତୁଟି ଜାପାନ, କୋରିଆ ତଥା ଚିନ୍‌ର କେତେକ ଅଞ୍ଚଳରେ ବି ଦେଖାଯାଇଥାଏ। ତେବେ କିଛିଦିନ ପୂର୍ବେ ଜାପାନ, କୋରିଆର କେତେକ ଲୋକ ଏହି ଛତୁକୁ ପାରମ୍ପରିକ ଚିକିତ୍ସା ପାଇଁ ବ୍ୟବହାର ହେଉଥିବା ଖାଦ୍ୟ କବକ ଭାବି ଭୁଲ୍‌ରେ ଚା'ରେ ମିଶେଇକି ପିଇ ଦେଇଥିଲେ। ପିଇବାର କିଛି ସମୟ ପରେ ସେମାନଙ୍କ ଶରୀରର ବିଭିନ୍ନ ଅଙ୍ଗ କାମ କରିବା ବନ୍ଦ କରି ଦେଇଥିଲା। ଏପରିକି ବ୍ରେନ୍ ମଧ୍ୟ କାମ କରି ନ ଥିଲା। ଆଉ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା। ବାସ୍ ତା'ପରଠୁ ବୈଜ୍ଞାନିକମାନେ ଏହି ଛତୁ ଉପରେ ଅନେକ ରିସର୍ଚ୍ଚ କରି ଜାଣିବାକୁ ପାଇଲେ ଯେ, ଏହା ଏକ ବିଷାକ୍ତ ଛତୁ; ଯାହାକୁ ଖାଇଲେ ମୃତ୍ୟୁ ସୁନିଶ୍ଚିତ। ଏପରିକି ଏହାକୁ ଛୁଇଁବା ମାତ୍ରେ ଶରୀର ଜଳାପୋଡା ହେବା ସହ ଫୁଲି ମଧ୍ୟ ଯାଇଥାଏ।



# ପାଠକୀୟ

- ଫଗୁଣର ଦୋଳ ହୋଲିରେ ଗାଁର ଦୋଳବେଦୀଠାରୁ ମଠ ମନ୍ଦିର ସବୁ ହୁଏ ଉତ୍ସବମୁଖର। ଏମିତି ଅନେକ ସ୍ଥାନ ଅଛି, ଯେଉଁଠି ହିନ୍ଦୁମାନଙ୍କର ଏହି ପର୍ବକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରନ୍ତି ଉଭୟ ହିନ୍ଦୁ ଓ ମୁସଲମାନ ଭାଇମାନେ। ତେଣୁ ଏଭଳି ଭାଇଚାରାରେ ହୋଲି ପାଳନ କରାଯାଉଥିବା ସେମିତି କେତେକ ସ୍ଥାନ ସମ୍ପର୍କରେ ଏଥରର ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗରୁ ପଢି ଭାରି ଖୁସି ଲାଗିଲା। 'ହୋଲିକୁ କେମିତି କରିବେ ଖାସ୍' ଏବଂ 'ସହଜରେ କେମିତି କରିହେବ ହର୍ବାଲ୍ ରଙ୍ଗ' ଆଦି ପାଠଗୁଡ଼ିକରୁ ବହୁ ଅଜଣା କଥା ଜାଣିହେଲା।

*– ରାକେଶ ସୁବୁଦ୍ଧି, ଝାରସୁଗୁଡ଼ା*

- ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଭାଇଚାରାରେ ହୋଲି' ଏକ ସମୟୋପଯୋଗୀ ବିଷୟ ଥିଲା। ବର୍ତ୍ତମାନର ବ୍ୟସ୍ତବହୁଳ ଦୁନିଆରେ କାହା ପାଖେ କାହା ପାଇଁ ସମୟ ନଥିବା ବେଳେ ରଙ୍ଗର ପର୍ବ ହୋଲିକୁ ଏବେବି କେତେକ ସ୍ଥାନରେ ବେଶ୍ ଧୁମ୍‌ଧାମ୍‌ରେ ଉଭୟ ହିନ୍ଦୁ ଓ ମୁସଲମାନ ଭାଇମାନେ ପାଳନ କରୁଥିବାର ନଜିର ଦେଖିବାକୁ ମିଳୁଛି। ତେଣୁ ଛୁଟିଦିନର ଏହି ଆଲେଖ୍ୟଟି ଆଜିର ଆଧୁନିକ ଯୁବତୀ ଯୁବକମାନଙ୍କୁ ନିଶ୍ଚୟ ପ୍ରେରଣା ଯୋଗାଇବ। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ଦେବଦାସୀ' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା।

*– ମୌସୁମୀ ବଳିୟାରସିଂ, ସିଡିଏ, କଟକ*

- ଛୁଟିଦିନର ଏଥରର ବିଶେଷ ପ୍ରସଙ୍ଗରେ ସ୍ଥାନ ପାଇଥିବା 'ପ୍ରକୃତି ଭରିଛି ରଙ୍ଗ' ପାଠଟି ସତରେ ଏକ ନିଆରା ବିଷୟ ଥିଲା। ଏଥିରୁ ଦେଶ ବିଦେଶରେ ଥିବା କେତେକ ନଦୀ ଓ ହ୍ରଦ ସମ୍ପର୍କରେ ଜାଣିହେଲା, ଯେଉଁଗୁଡ଼ିକରେ ପ୍ରକୃତି ଭରିଦେଇଛି ବିଭିନ୍ନ ରଙ୍ଗ। ସେହିପରି ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି 'ରାଣୀଙ୍କ ନୂଆ ଯୋଜନା', 'ଅଜବ ରଣବୀର', 'ଶ୍ରଦ୍ଧା ଯାହା ଚାହୁଁଥିଲେ' ଆଦି ପାଠଗୁଡ଼ିକ ଖୁବ୍ ମନଛୁଆଁ ହୋଇପାରିଥିଲା।

*– ବିପିନ୍ ବିହାରୀ ପଟ୍ଟନାୟକ, ଜୟଦେବ ବିହାର, ଭୁବନେଶ୍ୱର*

- ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ତଥା ପ୍ରାବନ୍ଧିକ ମନ୍ମଥ କୁମାର ଶତପଥୀଙ୍କ ରୋଜଗାର ସମ୍ପର୍କିତ ଲେଖା ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ହୋଲି ଥିମ୍ ବାଲା ବିଭିନ୍ନ ଡିଜାଇନ୍‌ର କପଲ୍ ଟି-ଶାର୍ଟ ସମ୍ପର୍କରେ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ 'ନେହା-କୀର୍ତ୍ତି' ବେଶ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ 'ହୋଲି: କେଉଁଠି କେମିତି' ପାଳନ କରାଯାଏ, ସେ ବିଷୟରେ ଅନେକ କଥା ଜାଣିହେଲା।

*– ତପସ୍ୱିନୀ ମହାନ୍ତି, କଲ୍ୟାଣପୁର, ଯାଜପୁର*




## ବିଶେଷ ଚିଠି

ଛୁଟିଦିନ ଆହେ ଛୁଟିଦିନ
ତୁମ ପରି କେହି ନୁହେଁ ସମ।
ପ୍ରଚ୍ଛଦ ତୁମର ଅତି ଚମତ୍କାର
ସାଥୀର ଉତ୍ତର ଲାଗେ ସୁମଧୁର।
ସିନେମା ଜଣାଏ ସେଲିବ୍ରିଟିଙ୍କ କଥା
ସୃଜନରେ ଥାଏ ମନଛୁଆଁ ଗପ, କବିତା।
ନୂଆନୂଆ ଜାଗା ବୁଲାଏ ସହରଠୁ ଦୂର
କେତେ ତଥ୍ୟ ପରଷିଦିଏ ବ୍ୟାକ୍‌ପେଜ୍ ତୁମର।
ସତରେ ତୁମେ ଭାରି ଅନନ୍ୟ
କିଣୁଥାଅ ସଭିଙ୍କର ଏହିପରି ମନ।

*– ଭୂମିକା ରଥ, ଛତାବର, ବ୍ରହ୍ମଗିରି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ସମ୍ପର୍କ ଭଲପାଇବାର

**କଥା ସିନା କହି ପାରନ୍ତିନି, ହେଲେ ବେଶ୍ ବୁଝନ୍ତି ଭଲପାଇବା ଆଉ ବିଶ୍ୱାସର ଭାଷା। ତାଙ୍କ ଦୁନିଆରେ କୃତଘ୍ନ ଶବ୍ଦ ହିଁ ନାହିଁ। ଭଲପାଇବାରେ ବନ୍ଧା ସେମାନେ, ଯିଏ ତାଙ୍କୁ ଆଦରରେ ଆଉଁଶି ଦିଏ ତା' ପାଇଁ ସେମାନେ ଜୀବନ ବି ଦେଇପାରନ୍ତି...**



ଭଲପାଇବା, ସ୍ନେହ, ଆଦର କିଏ ବା ନ ଖୋଜେ। ମଣିଷ ହୁଅନ୍ତୁ କି ପଶୁପକ୍ଷୀ ସମସ୍ତେ ସେଥିରେ ବନ୍ଧା। ହେଲେ ଅନେକ ସମୟରେ ମଣିଷମାନେ କୃତଘ୍ନ ହୋଇଯାଆନ୍ତି, ଭୁଲିଯାଆନ୍ତି ଉପକାର, ସ୍ନେହ ଆଦର। କିନ୍ତୁ ମୁହଁରେ ଭଲପାଏ ବୋଲି କହି ପାରୁ ନ ଥିବା ପଶୁପକ୍ଷୀ କିନ୍ତୁ ବେଶ୍ ବୁଝନ୍ତି ଭଲପାଇବାର ଭାଷା। ତାଙ୍କୁ ଟିକିଏ ଯିଏ ସ୍ନେହରେ ଆଉଁଶି ଦିଏ ସେମାନେ ପୂରା ତା'ର ହୋଇଯାଆନ୍ତି। ତାକୁ ପୋଷିଥିବା ମଣିଷ ଉପରକୁ କିଛି ବି ବିପଦ ଆସିଲେ ତାକୁ ନିଜ ଉପରକୁ ନେଇଯାଆନ୍ତି। ସୁଖ ଦୁଃଖରେ ସମଭାଗୀ ଏହି ନିରୀହ ଜୀବମାନେ ସମୟ ଆସିଲେ ନିଜ ଜୀବନ ଦେବାକୁ ବି ପଛାନ୍ତି ନାହିଁ। ଠିକ୍ ସେମିତି ଅନେକ ମଣିଷ ଅଛନ୍ତି, ଯାହାଙ୍କ ପାଇଁ ନିଜ ପୋଷା ପ୍ରାଣୀ ଜୀବନ ପାଲଟିଯାଇଛନ୍ତି। ନିଜ ପିଲାଙ୍କ ପରି ସେମାନଙ୍କୁ ଲାଳନପାଳନ କରିଛନ୍ତି। ଅବଶ୍ୟ ପ୍ରତିବଦଳରେ ସେମାନେ ଠକି ଯାଇନାହାନ୍ତି, ସ୍ନେହ ଆଦର ପ୍ରତିବଦଳରେ ପାଇଛନ୍ତି ଅସରନ୍ତି ଭଲପାଇବା ଆଉ ବିଶ୍ୱାସ।

**ଭାସ୍ୱତୀଙ୍କ ସଂସାର:** ଗୋଟେ କୁକୁଡ଼ା ଛୁଆ, ତା' ନାଁ ମନୋରମା... ଗୋଟେ କାଉ ଛୁଆ ତା' ନାଁ ଚିକିମିକି... ବେଶ କିଛି ବିଲେଇ...କିକି, ଗୁଣ୍ଟୁ, ଛୁଟକି, ମୋଟୀ, ପରପଲ ନାକୁଆ, ସୁନ୍ଦର ମୁହାଁ, ରାଜୁ, ଏମିତି ଏମିତି ଆହୁରି... ଗୋଟିଏ କୁକୁର (ଆଗରୁ ଦୁଇଟି ଦେଶୀ କୁକୁର ବି ଥିଲେ) କାଇଜର ଓରଫ କାଜୁ.... ଏମାନଙ୍କ ସହିତ ବାଘ, ହାତୀ, ମାଙ୍କଡ଼, ସାପ, ଛେଳି ବି ପାଳିବାର ଇଚ୍ଛା ଥିଲା ହେଲେ ଘର ଲୋକେ ରାଜି ହେଉନାହାନ୍ତି। ଆରମ୍ଭ କିନ୍ତୁ ବିଲେଇରୁ ହୋଇଥିଲା। ସାନ ବେଳୁ ବିଲେଇଙ୍କ ସହିତ ମୋର ଗୋଟେ ବିଶେଷ ସମ୍ପର୍କ ରହି ଆସିଛି। ବିଲେଇ ଛଡ଼ା ଚୁମକି(ଭାସ୍ୱତୀ) ଆଉ ଚୁମକି ଛଡ଼ା ବିଲେଇ ପ୍ରାୟ ସମସ୍ତଙ୍କ କଳ୍ପନା ବାହାରେ ଥିଲା। ଘରର ଝରକା, ପାଚେରି, ଖଟ, ଚେୟାର ଏଭଳି ପ୍ରତିଟି ଜାଗାରେ ଗୋଟିଏ ଗୋଟିଏ ବିଲେଇ ସ୍ୱମହିମାରେ ବିରାଜିତ ରହୁଥିଲେ।

ସେ ବିଲେଇଙ୍କ ନାଁ ବି କିଛି କମ ନ ଥିଲା। କମଳା, ବିମଳା, ବିଜୁଳି ଏମିତି କେତେ କ'ଣ। ସେମାନେ ମୋ ଥାଳିରୁ ଖାଇବା ଚୋରାଉଥିଲେ ଆଉ ମୋ ଅତ୍ୟାଚାର ବି ସହୁଥିଲେ। ଅତ୍ୟାଚାର? ବହୁତ କରୁଥିଲି। ମୁଁ ଅବଶ୍ୟ ସେସବୁକୁ ଏକ୍ସପେରିମେଣ୍ଟ ବୋଲି ଭାବୁଥିଲି। ଆମେ ଦାନ୍ତ ଘଷୁ, ସେମାନେ କାହିଁକି ଘଷିବେନି? ତେଣୁ ଥରେ ଜଣଙ୍କ ପାଟିରେ ଟୁଥପେଷ୍ଟ ମାରିଦେଇଥିଲି। ଗୋଟେ ନୌକା ଭଳି ହେଅର କ୍ଲିପ ଥିଲା। ମାଆଙ୍କ ଓଦା ଶାଢିରୁ ସେଇଥିରେ ପାଣି ଚିପୁଡ଼ି ଜଣଙ୍କୁ ଜବରଦସ୍ତ ପିଆଉଥିଲି। ଥରେ ଜଣଙ୍କ ନିଶ କାଟି ଦେଇଥିଲି (ଝିଅ ବିଲେଇର ନିଶ କ'ଣ?)। ଆହୁରି କ'ଣ କ'ଣ କରୁଥିଲି ମନେ ନାହିଁ। ଯେତେ ବଡ଼ ହେଲି ସେତେ ଏସବୁ ଦୁର୍ବୁଦ୍ଧି କମି ଗଲା କିନ୍ତୁ ବିଲେଇ ପ୍ରୀତି କମିଲାନି।

ଏବେ ବି ଆମ ଘର ବିଲେଇଙ୍କ ପାଇଁ ଆଶ୍ରମ। ଏମିତି ବି ହୁଏ ଯେ କିଛି ଲୋକ ଆମ ଗେଟ ଭିତରେ ଲୁଚେଇକି ବିଲେଇ ଛୁଆ ଛାଡ଼ି ଦେଇ ଯାଆନ୍ତି। ସେ ଛୁଆମାନଙ୍କୁ ମୋ ଘର କୋଳେଇ ନିଏ। ସେମାନେ ବି ଆମକୁ ଭଲପାଇବାରେ ଭରି ଦିଅନ୍ତି। ଏଇ କିଛି ଦିନ ତଳେ ହିଁ ତ ଗୁଣ୍ଟୁ ଆମକୁ ସାପ ପାଖରୁ ରକ୍ଷା କରିବାକୁ ଯାଇ ନିଜେ ଚୋଟ ଖାଇଥିଲା। କେତେ ସାଲାଇନ ଆଉ ଇଞ୍ଜେକ୍ସନ ଯେ ତା' ଦେହରେ ଫୋଡ଼ା ହେଲା... ତେବେ ଯାଇ ତା' ଜୀବନ ବଞ୍ଚିଲା।

ପ୍ରାଣୀମାନଙ୍କ ସହାବସ୍ଥାନ ବି ମୋ ଘରେ ଅଦ୍ଭୁତ। ମୋ କୁକୁରର ଥାଳିରୁ ବିଲେଇ ଭାତ ଖାଇଯାଏ ଆଉ ସେ ବିଚରା ବିକଳରେ ମୋ ମୁହଁକୁ ଅନାଏ। ହେଲେ ବିଲେଇକୁ କିଛି ବି କୁହେନା। ଭାରି ସ୍ନେହୀ ମୋ କାଜୁ। ବାହାର କୁକୁରଙ୍କ ଆକ୍ରମଣରୁ ବିଲେଇଙ୍କୁ ରକ୍ଷା କରିବାର ଦାୟିତ୍ୱ ସେ ସ୍ୱଇଚ୍ଛାରେ ନିଜ କାନ୍ଧକୁ ନେଇଛି। ଦିନ ସାରା ମୋ ଚାରିପଟେ ବୁଲିବ, ହେଲେ ବିଜୟ (ମୋ ସ୍ୱାମୀ) ଆସିଲା କ୍ଷଣି ଆଉ ଯେମିତି ତା' ବାବାଙ୍କ ଛଡ଼ା ସେ ଆଉ କାହାକୁ ଚିହ୍ନିନି। ବେଳେ ବେଳେ ଲାଗେ ଯେ କଥା କହି ପାରୁଥିଲେ ସେ ନିଶ୍ଚୟ ମୋ ନାଁରେ ତା' ବାବାଙ୍କ ପାଖରେ ଚୁଗୁଲି କରିଥାନ୍ତା।

ଆମ ବଗିଚାର ଗୋଟିଏ ଗଛରେ କାଉ ବସା ବାନ୍ଧିଥିଲା। ସେ ବସାରୁ ଥରେ ଖସି ପଡ଼ିଲା କାଉ ଛୁଆଟିଏ। ଆମେ ବାରମ୍ବାର ତାକୁ ତା' ବସାରେ ରଖିଲୁ, ହେଲେ ସେ ବାରମ୍ବାର ଖସି ପଡ଼ିଲା। ଦୁର୍ବଳ, ଛୋଟା ଛୁଆଟିକୁ ବୋଧହୁଏ କାଉ ଦମ୍ପତି ଜାଣିଶୁଣି ପକେଇ ଦଉଥିଲେ। ବାଧ ହୋଇ ତାକୁ ପାଳିଲୁ। ନାଁ ଦେଲୁ ଚିକିମିକି। ଭାରି ଶାନ୍ତ। କିନ୍ତୁ ତା' ଇଚ୍ଛା ହେଲେ ରାତି ଅଧରେ ବି କା କା ଚିଲ୍ଲେଇ କାନ ଫଟେଇ ଦବ। ଭାରି ଦୁର୍ବଳ ଥିଲା ସେ। ବେଶି ଦିନ ବଞ୍ଚିଲାନି। ମୁଁ ତାକୁ ଏବେ ବି ଝୁରେ।

ଆଉ ଜଣେ ଥିଲା, ମନୋରମା। କେହି ଜଣେ ଦେଶୀ କୁକୁଡାଟିକୁ ଦେଇଥିଲା ମାଂସ କରି ଖାଇବା ପାଇଁ। ସେ କିନ୍ତୁ ଆମ ମୁଣ୍ଡ ଖାଇଗଲା। ଡୌଲ ଡାଉଲ ଚେହେରା ସାଙ୍ଗକୁ ରାଗି ରାଗି ଅହଙ୍କାରୀ ଚାହାଣି... ଆହା। ମତେ ହିଁ ଅଧିକ ଗୋଡ଼ାଉଥିଲା। ତା' ଖୁମ୍ପା ଖାଇ ଖାଇ ମୋ ହାତ ଗୋଡ଼ ଫୁଲି ଗଲା। ବାଧ ହୋଇ ତାକୁ ଜଣେ ଆତ୍ମୀୟଙ୍କୁ ଦେଇ ଦେଲୁ। ଏବେ ସେଠି ସେ ମହାରାଣୀ ଭଳି ଅଛି।

ଆମ ଘରର ପୋଷ୍ୟମାନେ ଆମ ପରିବାରର ଅଂଶ। ବେଳେବେଳେ ସେମାନଙ୍କ ଭିତରୁ କେହି କେହି ଆମକୁ ଛାଡ଼ି ଚାଲିଯାନ୍ତି ଏକ ଅଜଣା ଦେଶକୁ। ତାଙ୍କ ମୃତଦେହ ପାଖରେ ବସି ଆମେ କାନ୍ଦୁ। ତାଙ୍କ ବିଚ୍ଛେଦ ସହିବାକୁ ପଡ଼େ। ଜୀବନର ନାଁ ତ ସହି ଚାଲିବା। ଆମେ କାହିଁକି ଭାବିବା ଯେ ସେମାନେ କେତେ ଅଳ୍ପ ସମୟ ଆମ ସହିତ ରହୁଛନ୍ତି ବୋଲି? ବରଂ ସେମାନଙ୍କ ଜୀବନର ସେଇ ଅଳ୍ପ କିଛି ବର୍ଷ ତ ତାଙ୍କର ଯତ୍ନ ନେଇପାରିବା। ସେମାନଙ୍କୁ ସ୍ନେହ ଦେଇପାରିବା।





ଭାସ୍ୱତୀ ବସୁ

**ଏମାନେ ମୋ ପିଲା, ତାଙ୍କୁ ନେଇ ମୋ ଦୁନିଆ:** ଗଦାଧର ମିଶ୍ର, ପେସାରେ ଅଧ୍ୟାପକ। ଏବେ ଅବସର ଗ୍ରହଣ ପରେ ରହୁଛନ୍ତି କେନ୍ଦୁଝର ଜିଲା ଆନନ୍ଦପୁରର ବଳଭଦ୍ରପୁର ଶାସନରେ। ପତ୍ନୀଙ୍କର ପ୍ରାୟ ତିନିବର୍ଷ ପୂର୍ବେ ଦେହାନ୍ତ ହୋଇଯିବା ପରେ ତିନୋଟି ପିଲାଙ୍କୁ ନେଇ ତାଙ୍କ ସଂସାର। ପିଲା କହିଲେ, ଟିମା ଗଉଡୁଣୀ ତା' ସାନ ଭଉଣୀ ଚୁଇଁ ଓ ଚୁଇଁର ପୁଅ ଭାଲୁ। ପ୍ରକୃତରେ ଏମାନେ ସମସ୍ତେ କୁକୁର।

→



ଶ୍ୟାମ ସୁନ୍ଦର ପଣ୍ଡା

କିନ୍ତୁ ତାଙ୍କ ପାଇଁ କେବଳ ତାଙ୍କ ପିଲାମାନେ। ନିଜେ ଯେମିତି ସକାଳେ ଚୁଡ଼ା କଦଳୀ ଛେନା ଜଳଖିଆ କରନ୍ତି, ସେମାନଙ୍କ ପାଇଁ ସେମିତି ଜଳଖିଆର ବ୍ୟବସ୍ଥା କରନ୍ତି। ଖରାବେଳେ ଭାଇଙ୍କ ଘରେ ଯାଇ ଖାଇ ଆସନ୍ତି। ସେମାନେ ବି ତାଙ୍କ ସହିତ ଯାଆନ୍ତି। ଆଉ ରାତିରେ ସମସ୍ତଙ୍କ ପାଇଁ ରୁଟି, କ୍ଷୀର ପ୍ରସ୍ତୁତ କରିବାର ଦାୟିତ୍ୱ ନିଜେ ନେଇଛନ୍ତି। ପତ୍ନୀ ଯିବାପରେ ନିଜେ ଶିଖିଯାଇଛନ୍ତି ପିଲାମାନଙ୍କ ପାଇଁ ରୁଟି କରିବା। ସେଇମାନଙ୍କ ଖାଇବା ପିଇବା ବୁଝିବା ତାଙ୍କ ଦାୟିତ୍ୱ ନେବା ତାଙ୍କ ସହିତ ରହିବା ବୁଲିବାରେ ତାଙ୍କର ଖୁସି। ତାଙ୍କ ପାଇଁ ସେମାନେ ଗୃହପାଳିତ ନୁହେଁ କେବଳ ନିଜ ପିଲା। ପ୍ରଥମେ ୧୯୯୫ ମସିହାରେ ଗଦାଧର ବାବୁ ଗୋଟିଏ ଶୁଆ ଆଣି ରଖିଲେ, ତା' ନାଁ ରଖିଲେ ବାଇନ। ବାଇନ ରହିବାର କିଛିଦିନ ପରେ ତାଙ୍କର ଜଣେ ଛାତ୍ର ତାଙ୍କୁ ଆଣି ଦୁଇଟି କୁନି ଶୁଆ ଦେଲେ, ଭାଇ ଭଉଣୀ ସେମାନେ। ଜଣେ ସୋମ ଆଉ ଜଣେ ସୁମି। ସେମାନେ ତାଙ୍କୁ ବାପା ଆଉ ତାଙ୍କ ପତ୍ନୀଙ୍କୁ ମା' ବୋଲି ଡାକନ୍ତି। ବାଇନ ମୋଟେ ପଞ୍ଜୁରିରେ ରହିବାକୁ ଭଲପାଏନି। ଗଦାଧର ବାବୁଙ୍କ ବିଶି ଅଙ୍ଗୁଳିରେ ବସି ବୁଲିବାକୁ ବେଶି ପସନ୍ଦ କରେ। ଗରମ ଲାଗିଲେ ଆସି ତାଙ୍କ ଛାତି ଉପରେ ବସି ଫ୍ୟାନ ପବନ ଖାଏ। ଏକ ଘଟଣା ମନେ ପକାଇ ଗଦାଧର ବାବୁ କୁହନ୍ତି, '୨୦୦୩ ମସିହାର କଥା। ମୁଁ ଏଫସିଆଇରେ ଲେକ୍‌ଚର ଥାଏ। ସେତେବେଳେ ଆମ ବଗିଚାରେ ୭୦-୮୦ଟା ଡାଲିଆ ଗଛ ଆଉ ବହୁତ ଗୁଡ଼େ ଗେଣ୍ଡୁ ଗଛରେ ଫୁଲ ଫୁଟିଥାଏ। ବାଇନ ମୋ ବିଶି ଅଙ୍ଗୁଳିରେ ବସି ବଗିଚା ବୁଲେ। ମୁଁ ତାକୁ କୁହେ, 'ଏ ବଗିଚାରେ ଯେତେ ଡାଲିଆ ଫୁଲ ଯେତେ ଗେଣ୍ଡୁଫୁଲ ସବୁ ବାଇନର।' ଏଇ କଥାରେ ବାଇନ ଖୁସି ହୋଇ ତା' ଥଣ୍ଟରେ ଗେଲ କରି ପକାଇଲା। ସେମିତି କୁଆଡ଼େ ଗଲେ ସୋମ ଡାକ ଛାଡିବ- 'ବାପା ବାପା'। ବେଳେବେଳେ ଖରାଦିନେ ପାଚେରି ଭିତରେ ଥିବା ଟ୍ୟୁବ୍‌ୱେଲରେ ମୁଁ ଗାଧୋଇବାବେଳେ ସୋମକୁ ଗରମ ହୁଏ ଆଉ ଡାକ ଛାଡ଼େ ବାପା ମୁଁ ଯିବି। ସୁମି ଟିକେ ଅଧିକ ଖାଏ ବୋଲି ଏମାନେ ବି ତାଙ୍କ ଭାଗରୁ ତାକୁ ଦେଇଦିଅନ୍ତି। ଥରଟେ ସୁମିର ନୂଆ ନୂଆ ପର କଅଁଳିଥାଏ। ସେ ଉଡ଼ିଗଲା ତିନିଦିନ ପରେ ଯାଇ ଫେରିଲା। ଆମର ତ ଖାଇବା ପିଇବା ଭଲରେ ନ ଥାଏ। ଏ ଦୁଇଜଣ ବି ଖାଉ ନ ଥାନ୍ତି। ସେ ଫେରିବା ଦିନ ଏମାନଙ୍କର ଯାହା ଖୁସି। ସେମିତି ବସି ସୁମିକୁ ଚାହୁଁଥାନ୍ତି। ଆଉ କ'ଣ ସବୁ କହିଯାଉଥାଆନ୍ତି। ନିଜର ଖାଇବା ବି ସୁମିକୁ ଦେଇଦେଲେ। ସୁମି ସେ ଦିନ ସାରା କାନ୍ଦିଛି। ଯେମିତି କେହି ମଣିଷ ପିଲା ହଜିଯାଇଥିବ ନିଜ ଘରକୁ ଫେରି ଆସିବା ପରେ କାନ୍ଦେ ଠିକ୍ ସେମିତି। ଏମାନଙ୍କ ଛଡ଼ା ସେତେବେଳେ କାଳି ଆଉ ତା' ପୁଅ ଭାଲୁ ବି ରହୁଥିଲେ। ଏମାନେ ଦୁଇଜଣ କୁକୁର। ଭାଲୁକୁ କୁହାଯାଉଥିଲା ବାଇନ ହେଉଛି ତୋ ମାମୁ। ଥରେ ବାଇନ ଭାଲୁ ପାଟି ପାଖରେ ଖସିପଡ଼ିଲା। ମୋ ସ୍ତ୍ରୀ କହିଲେ, ଆଜି ବୋଧେ ବାଇନର ଜୀବନ ଗଲା। ହେଲେ ସେମିତି କିଛି ହେଲାନି। ଭାଲୁ ଟିକେ ଶୁଙ୍ଘିଦେଲା। ବାଇନର ବି ଟିକେ ଡର ନ ଥିଲା ଯେ ଭାଲୁ ତାକୁ ଖାଇଦେବ ବୋଲି। ଏମାନେ ସମସ୍ତେ ଖୁବ୍ ମିଳିମିଶି ରହୁଥିଲେ। ସୋମୁ ଆଉ ବାଇନକୁ ଖାଇବ ବୋଲି ବୋଡ଼ାସାପ ପଞ୍ଜୁରିକୁ ଯେତେଥର ଚଢିଛି କାଳି ହିଁ ସେମାନଙ୍କୁ ବଞ୍ଚେଇଛି। ବାଇନ ଘରେ ୧୯ ବର୍ଷ ରହିଛି। ସମସ୍ତେ ବୁଢ଼ା ହେବା ପରେ ହିଁ ମରିଛନ୍ତି। କେହି କୁଆଡ଼େ ଯାଇ ନାହାନ୍ତି। ଭାଲୁ ମରିବା ପରେ ପନ୍ଦର ଦିନ ମୁଁ ଖାଇନି। ତା'ର କ୍ରିୟାକର୍ମ କରିବାବେଳେ ମୁଁ କାନ୍ଦି କାନ୍ଦି କହୁଥିଲି, ଯଦି ପୁନର୍ଜନ୍ମ କିଛି ଥାଏ ତାହାହେଲେ ତୁ ମୋ ବାପା କି ମୁଁ ତୋ ପୁଅ ହୋଇ ଯେମିତି ହେଲେ ଜନ୍ମ ନେବା। ବୋଧହୁଏ ସେଇଥିପାଇଁ ଟୁଇଁର ପୁଅ ଭାଲୁ ରୂପରେ ପୁଣି ଫେରିଲା। ଆଉ ମୁଁ ତା' ନାଁ ଦେଇଛି ଭାଲୁ ଆଉ ସେ ସେମିତି ଭାଲୁ ପରି ହିଁ ହେଉଛି। ଏଇମାନଙ୍କୁ ନେଇ ମୋ ଛୋଟିଆ ସଂସାର। ବଜାର ଗଲେ ମୋ ପାଖକୁ ଧାଇଁ ଆସିବେ ତାଙ୍କ ପାଇଁ କ'ଣ ଆସିଛି ବୋଲି। ସମସ୍ତଙ୍କ ପାଇଁ ମୁଁ ସବୁବେଳେ କିଛି ନା କିଛି ଆଣିଥାଏ। କାହାର ପିଜୁଳି କାହାର ବିସ୍କୁଟ ସମସ୍ତଙ୍କ ମନଲାଖି ଆସିଥାଏ। ମୋ ନଜରରେ ସେମାନେ ପଶୁପକ୍ଷୀ ନୁହନ୍ତି କେବଳ ମୋ ପିଲାମାନେ।

**ଭଲ ପାଇବା କ'ଣ ତାଙ୍କଠୁ ଶିଖିବା କଥା:** ପ୍ରଦୀପ ପଲାଇ। ଘର ଜିଜିପି କଲୋନୀ। ପେସାରେ ବ୍ୟବସାୟୀ। ଘରେ ପତ୍ନୀ, ଝିଅ, ପୁତୁରା, ପୁତୁରାବୋହୂଙ୍କ ଛଡ଼ା ଅଛନ୍ତି ଜ୍ୟାକି, ଜଗା, ରାମ, ବଳିଆ, ଚିଙ୍ଗୁଡ଼ି, ସିଟ୍ଟୁ, ଶୁଭ। ଏମାନେ ହେଉଛନ୍ତି କୁକୁର, ପାରା ଓ କୁକୁଡ଼ା। ଏଇମାନେ ହିଁ ତାଙ୍କ ପିଲା ତାଙ୍କ ପରିବାରର ଜଣେ ଜଣେ ସଦସ୍ୟ। ପ୍ରାୟ ୧୦ ବର୍ଷ ତଳେ ପ୍ରଦୀପଙ୍କ ପାଖରେ ପ୍ରଥମେ ଥିଲା ଜାନି। ଜର୍ମାନ ସେଫର୍ଡ ପ୍ରଜାତିର ଏହି କୁକୁରଟି ବେଶ୍ ବୁଝୁଥିଲା ତାଙ୍କ କଥା, ତାଙ୍କ ପରିବାର କଥା। ଖୁବ୍ ଶାନ୍ତ ଥିଲା ସେ। ଏବେ ସେ ଆଉ ନାହିଁ। ତା'ପରେ ଆସିଲା ଜ୍ୟାକି। ଯିଏ ଏବେ ଘଡିଏ ନ ରହିଲେ ତାଙ୍କ କାମ ଅଚଳ। ପ୍ରଦୀପ କୁହନ୍ତି, 'ସକାଳ ଛଅରୁ ଜ୍ୟାକି ଉଠି ମୋ ସହ ଯାଏ ମର୍ଣ୍ଣିଂୱାକ୍। ସେଠାରେ ଫୁଟବଲ ଖେଳେ। ଜ୍ୟାକି ଆଉ ମୋ ସହିତ ଜଗା, ରାମ, ବଳିଆ ଆଦି ବି ଯାଆନ୍ତି। ଜ୍ୟାକି ପେପର ଆଣେ କ୍ଷୀର ଆଣେ। ମୋର ଫୋନ୍ ରିଂ ହେଲା କି ମୋର କୌଣସି ଜିନିଷ ଦରକାର ହେଲା ଜ୍ୟାକି ସବୁ ମୋ ପାଖରେ ଆଣି ଦେଇଦିଏ। ମୋର ସବୁ ବୋଲହାକ ଜ୍ୟାକି କରେ। ଦୋକାନ ବାହାରିଲେ ମୁଁ ବାଇକ୍‌ରେ ଯାଏ ଆଉ ମୋ ସହିତ ଉଡ଼ି ଉଡ଼ି ରାମ ଓ ଜଗା ବି ଯାଆନ୍ତି। ମୋ ସହିତ ଯାଇ ଦୋକାନରେ ରହିବେ ଆଉ ମୁଁ ଘରକୁ ଫେରିଲେ ମୋ ସହ ଆସିବେ। ମୁଁ ଯୁଆଡେ ଯାଏ ଏମାନେ ମୋ ସହ ବୁଲିବାକୁ ଯାଆନ୍ତି। ମୁଁ ଯେମିତି ଏମାନଙ୍କ ଦାୟିତ୍ୱ ନିଏ ଏମାନେ ବି ସେମିତି ମୋ କଥା ବୁଝନ୍ତି, ମୋ ପାଖେ ପାଖେ ରୁହନ୍ତି। ଏମାନେ ମୋତେ ଯେତିକି ଭଲପାଆନ୍ତି ଆମ ପରିବାରର ସମସ୍ତଙ୍କ କଥା ବି ଭାବନ୍ତି। ସେମାନଙ୍କର ପରସ୍ପର ଭିତରେ ଖୁବ୍ ଭଲପାଇବା ଅଛି। କୁକୁର, କୁକୁଡା, ପାରା କାହାର କାହା ପ୍ରତି ରାଗ କି ଈର୍ଷା ନାହିଁ। ମିଳିମିଶି ରୁହନ୍ତି। ଜ୍ୟାକି ଯଦି କେବେ କିଛି ଭୁଲ୍ କରିଥାଏ, ମୁଁ ଆସିଲେ କାଳେ ରାଗିବି ବୋଲି ମୋ ପତ୍ନୀଙ୍କର ଗୋଡ ଧରି ମତେ ଚାହୁଁଥିବ ଯେ, ମା' ମୋତେ ବଞ୍ଚାଅ। ମୋ ପିଲାଙ୍କ ପରି ଜ୍ୟାକି, ଜଗା, ରାମଙ୍କର ବି ସେମିତି ସମାନ ଅଳି ଅଝଟ। ସେମିତି ଭଲ ପାଇବା ବି ସେମାନଙ୍କର ମୋ ପାଇଁ। ସତ କହିଲେ ଭଲ ପାଇବା କ'ଣ ସେମାନଙ୍କଠାରୁ ଶିଖିବାର ଅଛି।


**ମୋ ପୁଅ ଯେମିତି ସେମାନେ ବି ସେମିତି:** ଶ୍ୟାମ ସୁନ୍ଦର ପଣ୍ଡା, ପୁରୀ ସୁଆର ସାହିରେ ଘର କିନ୍ତୁ ରହୁଛନ୍ତି ବଳିଆପଣ୍ଡାରେ। ଏବେ ଶ୍ୟାମ ସୁନ୍ଦରଙ୍କ ସଂସାର କହିଲେ ପତ୍ନୀ ଦୁଇ ପୁଅଙ୍କ ସହିତ ୧୫ଟି ବିଲେଇ, ୩ଟି କୁକୁର ଆଉ ଶୁଆ। ସମସ୍ତେ ତାଙ୍କ ପିଲା। ସେ କୁହନ୍ତି, 'ପ୍ରଥମେ ୨୦୦୪ ମସିହାରେ ଗୋଟେ ବୁଲା କୁକୁର ଆସେ ତାଙ୍କ ଘର ସାମ୍ନାକୁ। ତାକୁ ଖାଇବା ପିଇବାକୁ ଦେବା ଭିତରେ ସେ ହୋଇଗଲା ଘରର ସଦସ୍ୟ। ତା'ର ଗୋଟେ ଛୁଆ ହେଲା। ତା'ପରେ ୨୦୦୭ ମସିହାରେ ସେ ଗୋଟେ ଜର୍ମାନ ସେଫର୍ଡ ଆଣିଲେ, ଯାହାର ୪ ଥରରେ ହେଲା ୧୬ଟି ଛୁଆ। ସେଥିରୁ ୪ଟିକୁ ରଖି ବାକି ସବୁ ଅନ୍ୟମାନଙ୍କୁ ଦେଇ ଦେଇଥିଲେ। ଏଇ ଭିତରେ ଦିନେ ଗୋଟେ ମା' ବିଲେଇ ତାଙ୍କ ଘର ସାମ୍ନାରେ ୩ଟି ଛୁଆ ଛାଡି କି ଚାଲିଯାଇଥିଲା। ତାଙ୍କୁ ଆଣି ଘରେ ରଖିଲେ। ସେମାନଙ୍କ ବଂଶ ବଢ଼ି ୧୫ଟି ବିଲେଇ ଏବେ ଅଛନ୍ତି। ଗୋଟିଏ ଶୁଆ ବି ଅଛି। ସେଇମାନଙ୍କ କାମରୁ ଆରମ୍ଭ ହୁଏ ଶ୍ୟାମସୁନ୍ଦରଙ୍କ ସକାଳ। କୁକୁରଙ୍କର ସକାଳ ନିତ୍ୟକର୍ମ ପରେ ସେମାନେ ଖାଆନ୍ତି ପେଡିଗ୍ରି। ବିଲେଇଙ୍କର ବି ସେମିତି ଜଳଖିଆ ରହିଛି। କୁକୁରମାନେ ପୂରା ଶାକାହାରୀ। ରାତିରେ କେବଳ ଭାତ କ୍ଷୀର ଖାଆନ୍ତି। କିନ୍ତୁ ଶ୍ୟାମସୁନ୍ଦରଙ୍କର ବିଲେଇମାନେ ସମ୍ପୂର୍ଣ୍ଣ ଆମିଷାଶୀ। ମାସକୁ ୨୫ ଦିନ ତାଙ୍କର ଆମିଷ ଦରକାର। ତେବେ ସବୁଠୁ ବଡ କଥା ହେଲା କାହାକୁ ସେ ବାନ୍ଧିକି ରଖିନାହାନ୍ତି। କୁକୁର ବିଲେଇ

→



ପ୍ରଦୀପ ପଲାଇ





ସୁବାସିନୀ ଶତପଥୀ



ସମସ୍ତେ ଘର ଭିତରେ ଆନନ୍ଦରେ ବୁଲନ୍ତି। ମିଶିକି ଖାଆନ୍ତି। ପାଖରେ ଶୁଅନ୍ତି। ଏପର୍ଯ୍ୟନ୍ତ କେହି ଘରୁ ଚାଲି ଯାଇନାହାନ୍ତି। ପୁଣି କୁକୁର ବିଲେଇ ଶୁଆ ସମସ୍ତଙ୍କର ପରସ୍ପର ଭିତରେ ଭଲପାଇବା ବି ବହୁତ। ସମସ୍ତେ ମିଳିମିଶି ରୁହନ୍ତି। ମୋ ପାଇଁ ମୋ ପୁଅ ଦୁଇଜଣ ଯେମିତି ଏମାନେ ବି ସେମିତି ମୋ ପିଲା।

**ବାସହରା ପଶୁପକ୍ଷୀଙ୍କୁ ପାଖରେ ରଖିବାର ଇଚ୍ଛା:** ସୁବାସିନୀ ଶତପଥୀ, ଘର ବଳଗଣ୍ଡି ପୁରୀ। ଘରେ ଶାଶୁ, ସ୍ୱାମୀ, ଦୁଇ ପୁଅ, ଦେଢଶୁର, ଦିଅରଙ୍କ ଛଡା କୁକୁର, ବିଲେଇ, କଇଁଛଠୁ ଆରମ୍ଭ କରି ବିଭିନ୍ନ ପ୍ରକାର ଚଢେଇକୁ ନେଇ ସୁବାସିନୀଙ୍କ ସଂସାର। ସେ କୁହନ୍ତି, 'ସାକ୍ଷୀଗୋପାଳ ସାନ କାଂଜିଆଁ ମୋ' ଅନ୍ତୁଡ଼ିଶାଳ। ଘରେ ବଡ଼ ଗୁହାଳ ଭର୍ତ୍ତି ଗାଈ, ବଳଦ, ଛେଳି, ମେଣ୍ଢା, ପାରା ଭାଡି, ଧଳା ମୂଷା, କୁକୁଡ଼ା, କୁକୁର, ଶୁଆ, ନେଉଳ, ବିଲେଇ ସମସ୍ତେ ଏକାଠି ରହୁଥିଲୁ। ପିଲାଦିନ ଖୁବ ମଜାରେ ପଶୁ ପକ୍ଷୀଙ୍କ ସହ କଟିଲା। ମୋ ବଦନି ବୋଉ ଗାଈ ଦୁହିଁଲା ବେଳେ ଗିନା ଧରି ବସି କଞ୍ଚା ଉଷୁମ କ୍ଷୀର ସହ କଞ୍ଚା ଅଣ୍ଡା ଫେଣ୍ଟି ଖାଇବା ମୋର ଅଭ୍ୟାସ। ବୋଉ ନ ଥିଲେ ଗାଈ ଚିରରେ ମୁହଁ ଲଗେଇ ଦିଏ। ଏତେ ସୁଧାର ସେ କାଳି, କସରୀ, କଇଁ, ତୋଫା, ଟିକେ ବି ନାତ ମାରନ୍ତିନି। ପିଲାମାନଙ୍କୁ ସେମାନେ ବି ସ୍ନେହ କରନ୍ତି।

ପାଠ ପଢିବା ପାଇଁ ପୁରୀ ଆସିଲି। ବାପା ଚାକିରି କରୁଥିଲେ। ଘର ପାଖରେ ମୋ ମାମୁ ଅଜାଙ୍କ ଘର। ପୁରୀ ସହରର ସୁରେନ୍ଦ୍ର ନାଥ ଦାଶ ମୋର ମାମୁ ଅଜା। ମୋର ଆଦର୍ଶ ତାଙ୍କ ଘରଟା ଥିଲା ଗୋଟେ ଚିଡ଼ିଆ ଖାନା। ଭାଲୁ, ଝିଙ୍କ, ମୟୂରଠାରୁ ଆରମ୍ଭ କରି ବହୁ ପଶୁ ପକ୍ଷୀ ସେ ପାଳିଥିଲେ। ସେଇଠି ମୋର ଅଧିକାଂଶ ସମୟ କଟିଯାଏ। ସବୁ ପୋଷା ଜୀବଙ୍କଠୁ ପ୍ରିୟ ମୋ ମନୁ ମାଙ୍କଡ଼, ଆଉ ବିଲେଇ ମାଧୁରୀ। ଭଲ ପାଇବା ମୁଁ ଏମାନଙ୍କଠାରୁ ଶିଖିଛି। ଏ ଦୁଇଜଣ ମୋ ସହ ଏକାଠି ଖାଆନ୍ତି, ଏକାଠି ଶୁଅନ୍ତି, ମୋ' ସାଇକେଲରେ ବସି ପୁରୀ ସହର ବୁଲନ୍ତି। ମୁଁ ପଢିଲା ବେଳେ ମନୁ ବହି ଲେଉଟାଏ, କିନ୍ତୁ କାଗଜ ଚିରେନି, ମୋଭଳି ଖଟା, ଚାହା, ଆଇସକ୍ରିମ ଖାଏ। ମୋ ଜିନିଷ କାହାକୁ ହାତ ଲଗେଇ ଦିଏନି। ଖାଇବା ପିଢା ପାଖରେ ଜଗି ବସିଥାଆନ୍ତି। ଅନ୍ୟ କାହାଠୁ ଖାଆନ୍ତିନି। ଦେହ ଖରାପ ଥିଲା ବେଳେ ଜାବୁଡି ଧରିଥାଆନ୍ତି। ସୁନାପିଲା ପରି କଥା ମାନନ୍ତି। ସେମାନଙ୍କ ଦେହ ଖରାପ ହେଲେ କାମ ଆଳରେ ଦୂରେଇ ରହିଲେ ଭୀଷଣ କଷ୍ଟ ଲାଗେ।

ଥରେ ମନୁକୁ ଗୋପାଳ ନାମକ ଜଣେ ଦୁଷ୍ଟ ପିଲା ଭାଙ୍ଗ ଲୁଚେଇ ଦେଇଦେଲା। ମନୁ ଆଖଣ୍ଡଳ ମଣି ପାଖରେ ଥିବା ଟିନିଆ ଗଛ ଉପରେ ରହିଲା ଆଉ ତଳକୁ ଓହ୍ଲାଇ ପାରିଲାନି। ସେତେ ବେଳକୁ ରାତି ଦଶ। କେତେଜଣ ଚେଷ୍ଟା କରି ବିଫଳ ହେଲେଣି। ମନୁ ଘରକୁ ନ ଆସିଲେ ମୁଁ ଖାଇ ପାରିବିନି କି ଶୋଇ ପାରିବିନି। ମୋ ଜିଦି ପାଇଁ ବହୁ ଗାଳି ବି ଶୁଣିଛି। ଗଛ ଚଢା ଜାଣିନି। ସେଦିନ କିନ୍ତୁ ମନୁ ପ୍ରେମରେ ଅନ୍ଧ ହୋଇ ପଡିବାକୁ ଭୟ ନ କରି ମୁଁ ଏତେ ବଡ଼ ଗଛରେ ଚଢ଼ିଗଲି। ମନୁ ମୋ ବେକକୁ ଜାବୁଡି ଧରିଦେଲା। ମୁଁ ଓହ୍ଲାଇ ପାରିଲି ଅବଶ୍ୟ। ଗଛ ଚଢିବା ମୁଁ ତାଠୁ ଶିଖିଛି। ସେମାନେ ବାଦ କରନ୍ତି, ଫୁଲେଇ ହୁଅନ୍ତି। ପିଲା ବୁଢା ଜ୍ଞାନ କରନ୍ତି। ମୁଁ ପ୍ରାର୍ଥନା କଲାବେଳେ ମନୁ ମୋ' କୋଳରେ ବସି ଘଣ୍ଟା ଘଣ୍ଟା ଶୁଣେ। ମୁଁ ମୁଣ୍ଡ କୁଣ୍ଡେଇଲେ ତା'ଦେହ କୁଣ୍ଡାଇ କହେ କୁଣ୍ଡେଇବାକୁ। ତା' କଳା ମୁହଁରେ ପାଉଡ଼ର ଟିକିଲି ଲାଗିଲେ ସେ ଖୁସିରେ ଗେଲ ହୁଏ। ମଣିଷମାନେ ଭୀଷଣ ସ୍ୱାର୍ଥପର। ବିଶ୍ୱାସରେ ବିଷ ଦିଅନ୍ତି ମଣିଷ। ପଶୁ ପକ୍ଷୀ ବିଷକୁ ବିଶ୍ୱାସରେ ବଦଳେଇ ପାରନ୍ତି ସ୍ନେହରେ, କୃତଜ୍ଞତାରେ। ଶାଶୁଘରେ ସେତିକି ସୁବିଧା ନ ଥିଲେ ବି କୁକୁର, ବିଲେଇ, କଇଁଛ, ବିଭିନ୍ନ ଚଢେଇ ରଖିଛି। ଯେଉଁମାନେ ଆଶ୍ରୟ ପାଇବା ଲୋଭରେ ଆସିଛନ୍ତି ତାଙ୍କୁ ରଖିଛି ଆଦରରେ। ମୋର ପିଲାମାନେ ନିଜ ଭାଇ ଭଉଣୀ ଭଳି ସ୍ନେହ କରନ୍ତି ଏହି ନିରୀହ ପ୍ରାଣୀମାନଙ୍କୁ। ନିଜେ ନ ଖାଇ ଖୁଆନ୍ତି। ପାଖରେ ଶୁଆନ୍ତି। ଦେହ ଖରାପ ହେଲେ ରାତି ଜାଗି ଯତ୍ନ ନିଅନ୍ତି। ଭାରି କଷ୍ଟ ହୁଏ ବାହାରେ କେବେ କିଏ କୁକୁର, ଗାଈ, ଛେଳି, ଷଣ୍ଢ, କୁକୁଡ଼ା, ବିଲେଇ, ମାଙ୍କଡ଼କୁ ଟେକା ଫିଙ୍ଗିବାର, ଠେଙ୍ଗାରେ ବାଡେଇବାର ଦେଖିଲେ। ଘରେ ସେତିକି ଜାଗା ଥିଲେ ମୁଁ ବାସହରା ହୋଇ ବୁଲୁଥିବା ପଶୁପକ୍ଷୀଙ୍କୁ ପାଖରେ ରଖିଥାଆନ୍ତି।'

**ସେମାନେ ଏବେ ମୋ ଦୁନିଆ:** ଧଳା କଳା ସୁନେଲି ନାଲି ପୁଣି ରଙ୍ଗିନ ଏମିତି ବିଭିନ୍ନ ପ୍ରକାରର ପ୍ରାୟ ସତୁରି କି ଅଶୀଟି ପାରାଙ୍କ ମେଳରେ ଆରମ୍ଭ ହୁଏ ସକାଳ। ସକାଳର ଦୁଇଘଣ୍ଟା ପୂରା ସେମାନଙ୍କ ସହ ସେମାନଙ୍କ ପାଇଁ। ସେଇଥିରେ ହିଁ ତାଙ୍କର ଖୁସି। ଏ ହେଲେ ଦିଲୀପ ମହାପାତ୍ର। ଘର ଖାକିମଠ ନୂଆସାହି, ପୁରୀ। ଚାକିରି କରନ୍ତି ରେଲୱେରେ। ଦିଲୀପ ଯେତେବେଳେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ ପ୍ରଥମେ ଧଳା ପାରା ଆଣି ରଖିଥିଲେ। ଆଉ ସେତିକିବେଳଠାରୁ ସାଙ୍ଗସାଥୀଙ୍କ ସହ ଖେଳିବାକୁ ନ ଯାଇ ଏହି ପାରାମାନଙ୍କ ସହ ଖେଳୁଥିଲେ ଓ ତାଙ୍କ ଯତ୍ନ ନେଉଥିଲେ। ତା'ପରେ ରଖିଲେ ନେଉଳ, ଲଭବାର୍ଡ ପୁଣି ଆକ୍ୱାରିୟମରେ ରଙ୍ଗିନ ମାଛ। ଏମାନଙ୍କ ସହ ହିଁ ତାଙ୍କର କଟେ ସବୁ ସମୟ। ସକାଳୁ ସେମାନଙ୍କୁ ଖୋଲି ପାଣି ପିଆଇ ଛାଡି ଦିଅନ୍ତି। ପାରାମାନେ ବୁଲାବୁଲି କରି ଫେରିବା ପରେ ସେମାନଙ୍କୁ ବାଜରା, ସୋରିଷ, ଧାନ, ଗହମ, ମୁଗ ଯାହା ଥିବ ଖାଇବାକୁ ଦେଇ ଡ୍ୟୁଟିକୁ ଯାଆନ୍ତି। ଦିଲୀପ କୁହନ୍ତି, ଏହି ପାରାଙ୍କ ପାଇଁ ମୁଁ କେବେ କୁଆଡେ ଯାଏନି। ଗଲେ ବି ସେଇଦିନ ଫେରି ଆସେ। କାରଣ ସେମାନେ କାହା ହାତରୁ ବି ଖାଇବେନି। ମତେ ଅପେକ୍ଷା କରିଥିବେ। ସତ କହିଲେ ତାଙ୍କୁ ଛାଡି କୁଆଡେ ଯିବାକୁ ବି ମତେ ଇଚ୍ଛା ହୁଏନି। ମୋ ଦୁନିଆରେ ଏବେ ସେମାନଙ୍କୁ ବାଦ ଦେଇ କିଛି ନାହିଁ।

ଏକଥା ସତ ଯେ, ଆମ ଭିତରେ ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନେ ଏଇ ନିରୀହ ଜୀବଙ୍କ ଭଲ ପାଇବାର ଭାଷା ବୁଝନ୍ତି। ଆଉ ପ୍ରତି ବଦଳରେ ପାଆନ୍ତି ନିଜ ପାଇଁ ସବୁଠୁ ବିଶ୍ୱସ୍ତ ସାଥୀଟିଏ।

**-ରୋଜାଲିନ୍ ମହାନ୍ତି**




ଦିଲୀପ ମହାପାତ୍ର





ଗଦାଧର ମିଶ୍ର



# ନାଟ୍ୟକାର ହେମେନ୍ଦ୍ର




ଦୀର୍ଘ ୫ ଦଶନ୍ଧି ଧରି ସେ ନାଟକ ରଚନା କରିଚାଲିଛନ୍ତି। ନାଟ୍ୟକଳାକୁ ନେଇ ତାଙ୍କର ଦୁନିଆ, ତାଙ୍କ ଜୀବନ ଓ ସ୍ୱପ୍ନ। ଥିଏଟର, ଅପେରା, ରେଡିଓ, ଟିଭି ଓ ସିନେମା ଆଦି ବିଭିନ୍ନ କ୍ଷେତ୍ରରେ ତାଙ୍କ ରଚନାର ଭିନ୍ନ ପରିଚୟ। କାହାଣୀ ଓ ସଂଳାପ ସମସ୍ତ ବର୍ଗର ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଥାଏ। ତାଙ୍କ ରଚିତ ନାଟକ ଉପରେ ଗବେଷଣା କରି ଅନେକ ଛାତ୍ରୀଛାତ୍ର ଏମ୍‌ଫିଲ-ଡିଲିଟ୍ କରିଛନ୍ତି। ନାଟ୍ୟ ସଂସ୍କୃତିରେ ଅବଦାନ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଂଗୀତ ନାଟକ ଏକାଡେମୀ ସମେତ ଅନେକ ଅନୁଷ୍ଠାନ ତରଫରୁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ ନାଟ୍ୟକାର ତଥା ଶିକ୍ଷାବିତ୍ ହେମେନ୍ଦ୍ର ମହାପାତ୍ର। ତାଙ୍କର ଜନ୍ମ ୧୯୫୨ ମସିହାରେ। ପିତା ରମାନାଥ ମହାପାତ୍ର, ମାତା କୁମୁଦିନୀ ଦେବୀ। ଘର ବାଲେଶ୍ୱରର ସୁନହଟରେ। ସେ କୁହନ୍ତି- ‘‘ଆମର ଏକ କଳାକାର ପରିବାର। ବାପା ଥିଲେ ଏକ ନାଟ୍ୟାନୁଷ୍ଠାନର ସଂପାଦକ ଓ ଦାଦା ଥିଲେ ନିର୍ଦ୍ଦେଶକ। ମୋର ପ୍ରାଥମିକ ଶିକ୍ଷା ପରେ ବାଲେଶ୍ୱର ଜିଲା ସ୍କୁଲରେ ପଢ଼ିଲି। ପରେ ଫକୀର ମୋହନ କଲେଜରେ ଆଇଏସ୍‌ସି ପଢ଼ିଲି। ତା’ପରେ ସୋରରେ ସିଟି ସାରିବା ପରେ ନଳାଙ୍ଗରେ ପିଏସ୍‌ଏମ୍‌ଇ ସ୍କୁଲରେ ଶିକ୍ଷକ ଚାକିରି କରିଥିଲି। କିନ୍ତୁ ପିଲାଦିନେ ସ୍କୁଲ ବୟସରେ ଏକ ଗୀତ, ‘ଯାହା କହଲ ଯମୁନା କିପରି ସହିଲୁ ଏତେ ଯାତନା’ ମନକୁ ଛୁଇଁଥିଲା। ଏ ଗୀତଟି ମୋ ମାମୁ ଲେଖିଥିଲେ। ଏହାର ପ୍ରଭାବ ମୋତେ ଆଗକୁ ପାଦ ପକାଇବାରେ ସହାୟକ ହୋଇଥିଲା। ପୁଣି ଜିଲା ସ୍କୁଲ ମାଗାଜିନ ‘ଉଷା’ରେ ମୋର କବିତା ପ୍ରକାଶ ପାଉଥିଲା। ସମୟକ୍ରମେ ଶିଶୁ ଗୀତିନାଟ୍ୟ, ଏକାଙ୍କିକା ଆଦି ଅନେକ ଲେଖା ବିଭିନ୍ନ ପତ୍ରପତ୍ରିକାରେ ମଧ୍ୟ ପ୍ରକାଶିତ। ଏଯାଏ ପ୍ରାୟ ୪୮ଟି ନାଟକ ବହି ଛପା ସରିଛି ।୧୫୦ରୁ ଊର୍ଦ୍ଧ୍ୱ ନାଟକ ରଚନା କରି ସାରିଛି। ନାଟ୍ୟ ସଂସ୍କୃତିରେ ଅବଦାନ ପାଇଁ ‘ଯୁଗ ଚରିତ ବୃତ୍ତାନ୍ତ’କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର-୨୦୦୨ ଓ ସଂଗୀତ ନାଟକ ଏକାଡେମୀ-୨୦୧୭ ପୁରସ୍କାର ମିଳିଛି। ଏଥିସହିତ ବହୁ ଅନୁଷ୍ଠାନରୁ ପୁରସ୍କାର ଓ ସମ୍ମାନ ପାଇଛି। କଲେଜ ସମୟରେ ଏକ ଉପନ୍ୟାସ ଲେଖିବା ପରେ ଏହା ଏକ ନାଟକର ରୂପ ନେଇଥିଲା। ତା’ ପରଠୁ ଆଉ ପଛକୁ ଅନାଇ ନାହିଁ। ୧୯୭୧ ମସିହା ସେପ୍ଟେମ୍ବରରେ ମୋର ପ୍ରଥମ ନାଟକ ଯାହା ଉପନ୍ୟାସରୁ ଆରମ୍ଭ କରିଥିଲି ତାହା ମଞ୍ଚସ୍ଥ ହୋଇଥିଲା। ଏହାକୁ ମୋର ସାଙ୍ଗସାଥୀମାନେ ମଞ୍ଚସ୍ଥ କରିଥିଲେ। ଏହା ସେତେବେଳେ ଖୁବ୍ ଲୋକପ୍ରିୟତା ହାସଲ କରିଥିଲା। ଅନ୍ୟପକ୍ଷେ ନାଟକ- ଯୋଡ଼ିମହୁରୀ, ଅଥଚ ଅଥର୍ବ, ଅଧିକାର, ଝରାସେଫାଳି, ଅଶାନ୍ତ ଅର୍ଜୁନ, କଥା ସମ୍ରାଟ୍ ଫକୀର ମୋହନ ସେନାପତିଙ୍କ କବିତା ‘ମୁଁ ହାଟବାହୁଡ଼ା’କୁ ନାଟ୍ୟ ରୂପ ଦେଇଛି। ସେହିପରି ଇତିଶ୍ରୀ କୁମ୍ଭକର୍ଣ୍ଣ ଉବାଚ, ଆଶା, ମାଙ୍କଡ଼, ପ୍ରିୟତମା ଆଦି ନାଟକ ରଚନା କରିସାରିଛି। ଶିଶୁ ଗୀତିନାଟ୍ୟ ଭାବେ ଅଭିଶାପ, କୃଷ୍ଣକୃପା, ଘର, ଶଗଡ଼ ଯା ଗଡ଼ିଯା ଇତ୍ୟାଦି ରଚନା କରିସାରିଛି। ମୀମାଂସା ଚଳଚ୍ଚିତ୍ରର ସଂଳାପକୁ ରଚନା କରିଛି। ଅଭିନୟ ଭାବେ ପଥରପଥେ, କିନ୍ତୁ କାହିଁକି, ପେଟେଣ୍ଟ ମେଡିସିନ, ସଭ୍ୟ ଜମିଦାର ପରି ଏକାଧିକ ନାଟକରେ ଅଭିନୟ କରିଛି। ପଞ୍ଚମବେଦ ସମ୍ମାନ, ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ଜଷ୍ଟିସ ହରିହର ମହାପାତ୍ର ସମ୍ମାନ, ଶତାବ୍ଦୀର କଳାକାର ଆଦି ବହୁ ସମ୍ମାନ ମିଳିଛି। ସମୟକ୍ରମେ ଚାନ୍ଦିପୁରର ଏକ କଲୋନୀ ସ୍କୁଲରେ ପ୍ରାୟ ୩୨ବର୍ଷ ଧରି ପ୍ରଧାନ ଶିକ୍ଷକ ଭାବେ ଚାକିରି କରିଥିଲି। ଏମିତିରେ ୧୯୭୫ରୁ ଚାକିରି ଜୀବନ ଆରମ୍ଭ କରି ୨୦୧୦ରେ ସରିଲା। ମୋ ପରିବାର କହିଲେ ମୋ ପତ୍ନୀ ସୁଷମା, ପୁଅ ଶାଶ୍ୱତ ସୌରଭ ଓ ଝିଅ ଶିଳ୍ପାସିକ୍ତ। ମାତ୍ର ସାମାଜିକ ମୂଲ୍ୟବୋଧଭିତ୍ତିକ ନାଟକ ଉପରେ ଅନେକ ଛାତ୍ରୀଛାତ୍ର ଗବେଷଣା କରିଆସୁଛନ୍ତି। ବୟସର ଅପରାହ୍ନରେ ଥକି ବି ପଡ଼ିନି। ପାଦ ଆଗକୁ ଆଗକୁ ମାଡ଼ି ଚାଲିବାର ମନରେ ରହିଛି ଅଦମ୍ୟ ସାହସ । ସେଥିପାଇଁ ତାଙ୍କ ଲେଖନୀରୁ ସୃଷ୍ଟି ହେଉଛି ନାଟକ ରଚନାରେ ଯୋଡ଼ି ଯୋଡ଼ି ଶବ୍ଦର ମନଛୁଆଁ ସଂଳାପ।

**- ବନବିହାରୀ ବେହେରା**









## ସେ...

**ସେ** ଆସେ ଆଉ ଫେରିଯାଏ
ଚିହ୍ନି ନ ଚିହ୍ନିବା ପରି
ଅଜଣା ଲୋକଟେ ହୋଇ
ତା'ର ସବୁଠାରୁ ପ୍ରିୟ ମୋ' ଆଖି ଦୁଇରେ ସେ
ଦେଖେନି ଆଉ
ମୋ' ଆଖିରେ କୁଆଡ଼େ ଆଗ ପରି ଆଉ
ନିରୀହପଣ ନାହିଁ।

ଆଉ ଭଲ ଲାଗେନି ତା'କୁ ମୋ' ଖୋଲା କେଶ
ଜୋର୍ କରି ବାନ୍ଧି ରଖେ ମୁଁ ତା'କୁ
ମୋ' କେଶରେ କୁଆଡ଼େ ଆଉ ସେ ସୁଗନ୍ଧ
ନାହିଁ।

ସେ ଏକଦମ୍ ମୋ ପାଉଁଜି ଶବ୍ଦ ଶୁଣି
ସେ ବିରକ୍ତ ହୁଏ ତା' କାନରେ ହାତ ଦେଇ
ମୋ ପାଉଁଜିର ରୁଣୁଝୁଣୁ ଶବ୍ଦରେ ଆଉ କୁଆଡ଼େ
ତା' ନାଁ ଶୁଭେନି ତାକୁ।

ମୋ' ହସ ତା'କୁ ଥଟ୍ଟା ପରି ଲାଗେ
ସେ ଆଦୌ ସହ୍ୟ କରିପାରୁନି
ଯେଉଁ ହସ ପାଇଁ ଦିନେ
ମୁହଁକୁ ଚାହିଁ ବସି ରହୁଥିଲା ଘଣ୍ଟା ଘଣ୍ଟା ଧରି।

– ବନ୍ଦନା ମିଶ୍ର
ଏଲ୍‌ପି–୧୨୬,
ପ୍ରଶାନ୍ତି ବିହାର, ପଟିଆ, ଭୁବନେଶ୍ୱର
ମୋ:୭୯୭୮୨୧୮୫୪୩

# ସ୍ୱାମୀ ନିବୃତ୍ତାନନ୍ଦଙ୍କ ଭିତିରି କଥା

– ଓଁ ଅଭିଜ୍ଞାନ ସାହୁ

**ଇ**ଏ ଗୋଟେ ସତ୍ୟ ଘଟଣା। ବେଶ କିଛି ବର୍ଷ ପୂର୍ବେ ଅପୂର୍ବ ଗାଁରେ ବାବୁ ବିଚିତ୍ରାନନ୍ଦ ବୋଲି ଜଣେ ବୟସ୍କ ମଣିଷ ଥିଲେ। ଇଂରେଜ ଅମଳର ପାଠ ପଢିଥିବାରୁ ତାଙ୍କର ବେଶ ଗର୍ବ । ଯାହାକୁ ଏକା ଦେଖିଲେ ତାକୁ ପାଠ କଥାରୁ ଆରମ୍ଭ କରି ଦେଶ ବିଦେଶର ସାଧାରଣ ଜ୍ଞାନ ପଚାରିବା ତାଙ୍କର ଗୋଟେ ଅଭ୍ୟାସ ଥିଲା। ଏଥିଯୋଗୁ ଗାଁର ପିଲାମାନେ ସେ ଆସୁଥିବା ଦେଖି ଦୂରରୁ ବାଟ ଭାଙ୍ଗି ଚାଲିଯାଉଥିଲେ । କହିବା ବାହୁଲ୍ୟ ପିଲାମାନେ ତାଙ୍କର ଏ ତଥାକଥିତ ଅଦ୍ଭୁତ ଅଭ୍ୟାସରେ ଅତିଷ୍ଠ ହୋଇପଡିଥିଲେ । ଦିନେ ତାଙ୍କ ଗାଁକୁ ଜଣେ ଜୈନ ମୁନି ଆସିଲେ । ନିଜର ପ୍ରବଚନ ତଥା ଧର୍ମ ପ୍ରଚାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପ୍ରବଚନ ଶେଷ ଦିବସରେ ସେ ଚାହିଁଲେ ଯେଉଁମାନେ ତାଙ୍କ ପ୍ରବଚନରେ ଉଦ୍‌ବୁଦ୍ଧ ହୋଇ ତାଙ୍କଠୁ ଦୀକ୍ଷା ନେବା ପାଇଁ ଚାହୁଁଛନ୍ତି ସେମାନେ ମଞ୍ଚ ଉପରକୁ ଆସନ୍ତୁ । ଏପରି ଏକ ସୁଯୋଗକୁ ବୋଧେ ଗାଁର ଛତରାଗଣ ଅପେକ୍ଷା କରିଥିଲେ । ସାଧୁମୁନୀଙ୍କ କଥା ସରିବା ମାତ୍ରେ ପିଲାଏ ଏକ ସ୍ୱରରେ ବାବୁ ବିଚିତ୍ରାନନ୍ଦଙ୍କ ନାମ ନେଇ ବିଚିତ୍ରାନନ୍ଦବାବୁ କିଛି ବୁଝିବା ପୂର୍ବରୁ ତାଙ୍କୁ ଟେକି ନେଇ ପେଣ୍ଡାଲ ଉପରେ ବସେଇଦେଲେ। ଗାଁ ମାଇପେଙ୍କ ହୁଳହୁଳି ସାଙ୍ଗକୁ ଟୋକାଙ୍କ ଜୟ ଜୟକାର ଧ୍ୱନିରେ ଗାଁ ଦାଣ୍ଡ କମ୍ପିଲା। ଏ ପର୍ଯ୍ୟନ୍ତ ବାବୁ ବିଚିତ୍ରାନନ୍ଦ କିଛି ବୁଝିପାରୁ ନ ଥାନ୍ତି । ହଠାତ୍ ଏପରି ଗେଣ୍ଡୁ ହାର ଓ ଜୟକାରର ସମ୍ମାନ ବିଷୟରେ କିଛି ବୁଝିବା ପୂର୍ବରୁ ଜୈନ ମୁନି ତାଙ୍କୁ ଧଳା ଚାଦରରେ ଘୋଡେଇ ପକେଇ ମୁହଁରେ ଧଳା ତୁଣ୍ଡି ବାନ୍ଧି ଦେଲେ ଓ ମଞ୍ଚରେ ଘୋଷଣା କଲେ ଯେ ଏ ମହାତ୍ମା ଆଜିଠୁ ଆମ୍ଭର ଦୀକ୍ଷା ନେଲେ। ସେ ପୂର୍ଣ୍ଣ ମାତ୍ରାରେ ସାଧୁ ବନିବା ପୂର୍ବରୁ ଆଗାମୀ ଏକ ବର୍ଷ ପର୍ଯ୍ୟନ୍ତ ମୌନ ବ୍ରତ ଧାରଣ କରିବେ। ଆଜିଠାରୁ ତାଙ୍କ ନାଁ ବିଚିତ୍ରାନନ୍ଦରୁ ସ୍ୱାମୀ ନିବୃତ୍ତାନନ୍ଦ ହେଲା। ସ୍ୱାମୀ ନିବୃତ୍ତାନନ୍ଦଙ୍କ ଜୟ ଜୟକାର ଧ୍ୱନି ରଚାଉଥିବା ଟୋକା ଗଣ କିନ୍ତୁ ମୁରୁକି ମୁରୁକି ହସୁଥିଲେ ଗଭୀର ଆଶ୍ୱସ୍ତିରେ ।

–ବନମାଳୀ ଭବନ, ଖାନ ନଗର, କଟକ
ମୋ: ୯୪୩୭୦୧୦୭୫୮

## 'ପୁନଃ ପୁନର୍ଜନ୍ମ'



**କେ**ଉଁଠି ଗୋଟେ ଜୀବନ ଶୂନ୍ୟତାରେ
ସେ ଡାକେ,

ଟିପରେ ଟିପ ଛୁଆଁଇ
ଚୁମ୍ବନ ଆଙ୍କେ ଇନ୍ଦ୍ରଧନୁରେ/ ବାସ.....
ଛିଟିକି ପଡ଼େ ଜୀବନର ବିଦ୍ୟୁତକଣିକା
ପୁନଃ ସ୍ୱର୍ଶ ପୁନଃ ମୃତ୍ୟୁ/ ଆଃ
ମରୁଥାଏ ଖାଲି ଜନ୍ମିବାକୁ ଆଉ ଥରେ
କେଉଁ ସନ୍ଧ୍ୟାର ପବନ ଆଘ୍ରାଣରେ
ଯୁଗ ସନ୍ଧିରେ ସ୍ୱର୍ଶ ଦିଅନ୍ତି ଅର୍ଦ୍ଧ ନାରୀ ଓ ଈଶ୍ୱର
ଜୀବନକୁ ଗମୁଥାଏ ଆଉ ଏକ ଜୀବନ
ଅର୍ଥ କିଛି ଥାଏ କ'ଣ
ଖାଲି ବୋଧେ ଅପ୍ରକାଶ୍ୟ ଏକ ଅନୁଭବ !

ବାରମ୍ବାର ଆରଣ୍ୟକ ଗତି
କେଉଁ ଅଜଣା ଅଭିପ୍ରେତ
ଏକ ଅଶରିରୀ ପୁଲକର ହାତ
ତନ୍ଦ୍ରାଭଗ୍ନ ହେବା ଆଗରୁ ହିଁ ଡାକି ନିଏ
ସଜାଇଥାଏ କୁହୁକ ଅଙ୍କ ପଲଙ୍କ
ନିଶା ଜଡିତ ଚକ୍ଷୁ ଶୋଷିବାକୁ ସକଳ ଆୟୁଷ
ସୁରାମୃତରେ ବୁଡ଼େଇ ରଖିଥାଏ ଓଠ
ନାଭିଦେଶରେ କାମଦେବଙ୍କ ଦସ୍ତଖତର ସହସ୍ର ନିମନ୍ତ୍ରଣ
ତପ୍ତରେ ତପ୍ତର
ସହାସ୍ୟ ରମଣ/ଓ
ଅଜସ୍ର ମରଣ

ସବୁଥର ମୃତ୍ୟୁରେ
ସେଇ ଆହ୍ୱାନ
ସେଇ ଚୁମ୍ବନ
ସେଇ ଗତି ଓ ଗମନ
ଜୀବନ !

–ସରିତା ରଥ, ମୁମ୍ବାଇ
ମୋ: ୯୩୨୩୭୬୪୭୫୫୮








ସୂର୍ଯ୍ୟକାନ୍ତ

# ଏପଟେ ପ୍ରେମ, ସେପଟେ ପ୍ରତିଶୋଧ

ସାଧାରଣ ଲୋକଙ୍କ ଦୁଃଖ ଦେଖିଲେ ତାଙ୍କ ଆଖିରୁ ଦୁଇ ଟୋପା ଲୁହ ସ୍ୱତଃ ଝରିପଡ଼େ। କେବଳ ସେତିକି ନୁହେଁ, ସେମାନଙ୍କୁ ସହଯୋଗର ହାତ ବଢ଼ାଇବାକୁ ପଛାଇ ନ ଥାଆନ୍ତି। ଏଥିପାଇଁ ଯେତେ ବାଧାବିଘ୍ନର ସମ୍ମୁଖୀନ ହେବାକୁ ଥିଲେ ତାହାକୁ ସାହସର ସହ ସାମ୍ନା କରନ୍ତି। ଏକ ବସ୍ତିର ସୁରକ୍ଷା ପାଇଁ ସେ ନିଜ ଜୀବନକୁ ବାଜି ଲଗାଇ ଦେଇଛି। ପୁଣି ବସ୍ତି ଭଙ୍ଗା ଯିବା ସମୟରେ ସେ ଏହାକୁ ବିରୋଧ କରୁଛି। ସେପଟେ ଏହି ସମୟରେ ତାହାର ଜଣେ ଯୁବତୀ ସହ ଭେଟ ହେଉଛି ଏବଂ ପ୍ରଥମଦେଖାରେ ହିଁ ସେ ତା' ପ୍ରେମରେ ପଡ଼ିଯାଉଛି। ଗୋଟିଏ ପଟେ ପ୍ରେମ ଆଉ ଅନ୍ୟ ପଟରେ ବସ୍ତିକୁ ଉଚ୍ଛେଦ କରିବାକୁ ଚେଷ୍ଟା କରୁଥିବା ମାଫିଆଙ୍କ ବିରୋଧରେ ଠିଆ ହେବାକୁ ପଡ଼ିବ। ଏପରି ଘଟଣା ଘଟିଛି ଜଣେ ସାଧାରଣ ଯୁବକ ଜୀବନରେ, ଯାହାର ନାମ ବାଳୀ। ହଁ, ଏଭଳି ଏକ ଆକ୍ସନ ତଥା ରୋମାଣ୍ଟିକ୍ ବିଷୟବସ୍ତୁକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ବାଳୀ-ସେଭିୟର'। ଏହାର ଟାଇଟଲ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ସୂର୍ଯ୍ୟକାନ୍ତ ଏବଂ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ମାମା ସାମଲ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀକ୍ରିଷ୍ଣା। ସୂର୍ଯ୍ୟକାନ୍ତ କହନ୍ତି, 'ଏହି ଫିଲ୍ମର କାହାଣୀରେ ଦର୍ଶକଙ୍କ ପାଇଁ ସବୁ ପ୍ରକାର ମସଲା ରହିଛି। ସିନେମାଟି କିପରି ସବୁ ଦିଗରୁ ଭଲ ହୋଇପାରିବ, ସେ ନେଇ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ଏପରି ଏକ ଭୂମିକା ମୋ କ୍ୟାରିୟରକୁ ନିଶ୍ଚୟ ମାଇଲେଜ୍ ଦେବ ବୋଲି ଆଶା ରଖିଛି। ଫିଲ୍ମଟି ଚଳିତବର୍ଷ ରଜରେ ମୁକ୍ତିଲାଭ କରିବାର ଯୋଜନା ରହିଛି।'

# ଅପେକ୍ଷା ହିଁ ସାର

ଅପେକ୍ଷା କରିବା ଭାରି କଷ୍ଟ, ନୁହେଁ! ଦେଖୁନାହାନ୍ତି, ସିନେମାଟି କେବେ ପରଦା ଉପରକୁ ଆସିବ ସେ ନେଇ କେମିତି ଆଲିୟା ଚାତକ ପରି ଚାହିଁ ବସିଛନ୍ତି। ଏପଟେ ଏବେ ପୁଣି ଥରେ କରୋନା ଭୟଙ୍କର ଭାବରେ କଡ଼ ଲେଉଟାଇଛି। ତେଣୁ ଏହାର ରିଲିଜ୍ ଡେଟ୍ ଫାଇନାଲ ହୋଇ ପାରୁନାହିଁ। ହଁ, ସିନେମାଟି ହେଲା 'ବ୍ରହ୍ମାସ୍ତ୍ର'। କରନ୍ ଜୋହରଙ୍କ ଏହି ଫିଲ୍ମରେ ଆଲିୟାଙ୍କ ନାୟକ ସାଜିଛନ୍ତି ରଣବୀର କପୁର। ଏପରି କି ଅମିତାଭ ବଚ୍ଚନ ମଧ୍ୟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମର ରିଲିଜ୍ ନେଇ ଆଲିୟା ଭଟ୍ଟ କହନ୍ତି, 'ଯେହେତୁ କରୋନା ଏବେ ପୁଣି ଥରେ ମାଡ଼ିଚାଲିଛି, ତେଣୁ ଏହି ଫିଲ୍ମର ରିଲିଜ୍ ଡେଟ୍ ଫାଇନାଲ ହୋଇ ପାରୁନାହିଁ। ଅନ୍ୟପକ୍ଷରେ ଯେହେତୁ ମୋର ନିକଟରେ କରୋନା ପଜିଟିଭ ବାହାରିଛି, ତେଣୁ ମୁଁ ହୋମ୍ କ୍ୱାରେଣ୍ଟାଇନ୍‌ରେ ଅଛି। ଶୀଘ୍ର ସୁସ୍ଥ ହୋଇ ମୋ ଆଗାମୀ ଫିଲ୍ମର ଶୁଟିଂରେ ଯୋଗ ଦେବି ବୋଲି ଆଶା ରଖିଛି।' 'ବ୍ରହ୍ମାସ୍ତ୍ର'ର ପ୍ରଯୋଜନା କରନ୍ ଜୋହର କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଆର୍ଯ୍ୟାନ୍ ମୁଖାର୍ଜୀ।


ଆଲିୟା


ଫାତିମା


ଦିଶା

# ଅଲ୍‌ରାଉଣ୍ଡର ଫାତିମା

ଥରେ ମନେପକାନ୍ତୁ ନା ସୁପରହିଟ୍ ଫିଲ୍ମ 'ଦଙ୍ଗଲ୍'ର ଗୀତା ଫୋଗାଟ ଚରିତ୍ରକୁ। ଏହାକୁ ବେଶ୍ ନିଖୁଣ ଭାବରେ ତୁଲାଇ ସେ ସାଉଁଟିଥିଲେ ପ୍ରଶଂସା। ସେ ହେଲେ ଫାତିମା ସନା ସେଖ୍। ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା ଶିଶୁ କଳାକାର ଭାବରେ। କମଲ ହାସନଙ୍କ ଅଭିନୀତ 'ଚାଚୀ ୪୨୦'ରେ ସେ କମଲ୍‌ଙ୍କ ଝିଅ ଭାରତୀ ଭୂମିକାରେ ଅଭିନୟ କରିଥିଲେ। ତା'ପରେ ଋଷି କପୁରଙ୍କ ଅଭିନୀତ 'ବଡେ ଦିଲ୍‌ୱାଲା', ଶାହରୁଖ-ଜୁହିଙ୍କୁ ନେଇ ନିର୍ମିତ 'ୱାନ୍ ଟୁ କା ଫୋର୍' ପରି ବେଶ୍ କେତୋଟି ସିନେମାରେ ଶିଶୁ କଳାକାର ଭାବରେ ନିଜର ଅଭିନୟ ଦକ୍ଷତାର ପରିଚୟ ଦେଇଥିଲେ ଫାତିମା। ତା'ପରେ ଅଭିନୟରୁ ସାମୟିକ ବିଶ୍ରାମ ନେଇ ସେ ପାଠପଢ଼ାରେ ମନୋନିବେଶ କରିଥିଲେ। ସେ ପୁଣି ଥରେ ଫେରିଆସିଥିଲେ ଅଭିନୟ ଦୁନିଆକୁ। କେବଳ ବଡ଼ ପରଦା ନୁହେଁ, କେତୋଟି ଧାରାବାହିକରେ ଅଭିନୟ କରିଥିଲେ। ହାଇଦ୍ରାବାଦରେ ଜନ୍ମିତା ଫାତିମା ଦୁଇଟି ବିଜ୍ଞାପନ ଶୁଟିଂ ସମୟରେ ଆସିଷ୍ଟାଣ୍ଟ ସିନେମାଟୋଗ୍ରାଫର ଭାବରେ କାମ କରିସାରିଛନ୍ତି। କେବଳ ସେତିକି ନୁହେଁ, ଫଟୋଗ୍ରାଫି ହେଉଛି ତାଙ୍କର ନିଶା। ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନିଜର କ୍ୟାମେରା ଲେନ୍ସରେ କଏଦ କରି ତାହାକୁ ନିଜ ସୋସିଆଲ ମିଡିଆରେ ଅପଲୋଡ୍ କରିବାକୁ ସେ ଭଲପାଆନ୍ତି। ଏହାବ୍ୟତୀତ ସେ ଜଣେ ଭଲ ଡ୍ୟାନ୍ସର।

# ଶାଢ଼ିପ୍ରିୟ ଉର୍ବଶୀ

ଉର୍ବଶୀଙ୍କ ମୁଣ୍ଡକୁ ଏବେ ଏକ ନୂଆ ଆଇଡିଆ ଜୁଟିଛି। ତାହା କ'ଣ ଜାଣନ୍ତି ? ଶାଢ଼ି କିଣିବା। ନିକଟରେ ସେ ଏକ ଶାଢ଼ି ଶୋ' ରୁମ୍‌କୁ ସାଙ୍ଗମାନଙ୍କ ସହ ଯାଇଥିଲେ। ଏକ ଦାମୀ ଶାଢ଼ି ଉପରେ ତାଙ୍କର ନଜର ପଡ଼ିଲା। ତାହାକୁ କିଣି ପିନ୍ଧିବା ପରେ ତାଙ୍କର ସାଙ୍ଗମାନେ ତାଙ୍କୁ କହିଥିଲେ ଯେ, 'ତମେ ଶାଢ଼ି ପିନ୍ଧିଲେ ବେଶ୍ ଗ୍ଲାମର୍ସ ଲାଗୁଛ'। ଆଉ ତା'ପରେ ଉର୍ବଶୀ ରୌତେଲାଙ୍କ ମନ କି ଥୟ ଧରେ! ସେହି ଦିନ ହିଁ କିଛି ମନପସନ୍ଦର ଶାଢ଼ି କିଣିବାକୁ ପଛାଇ ନ ଥିଲେ। ଘରକୁ ଆସି ସେଗୁଡ଼ିକୁ ପିନ୍ଧି ଫଟୋ ଉଠାଇ ତାକୁ ନିଜ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଥିଲେ। ଏବେ ଉର୍ବଶୀଙ୍କର ସେହି ଶାଢ଼ି ପିନ୍ଧା ଫଟୋ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି। ଏ ନେଇ ସେ କହନ୍ତି, 'ସେଦିନ ଶାଢ଼ି ପିନ୍ଧିବା ପରେ ମୋ ସାଙ୍ଗମାନେ ମୋତେ ଏପରି ଗେଟ୍‌ଅପରେ ଦେଖି ପ୍ରଶଂସା କରିଥିଲେ। ତା'ପରେ ମୋର ଶାଢ଼ି କିଣିବାକୁ ଇଚ୍ଛା ହୋଇଥିଲା।'


ଉର୍ବଶୀ

# ବିଶ୍ୱାସ କରିପାରୁନାହାନ୍ତି ଦୀପିକା

ଦୀପିକା ପାଦୁକୋନ୍‌ଙ୍କ ଖୁସି କହିଲେ ନ ସରେ। କାରଣ ଏପରି ଜଣେ ବର୍ଷୀୟାନ ଅଭିନେତାଙ୍କ ସହ ଅଭିନୟ କରିବାର ସୁଯୋଗ ମିଳିଲେ କିଏ ବା ଖୁସି ହେବନି କହୁନାହାନ୍ତି ? ସେହି ଅଭିନେତା ହେଲେ ଅମିତାଭ ବଚ୍ଚନ। କଥା କ'ଣ କି ଦୀପିକା ଅଭିନୟ କରୁଥିବା ନୂଆ ସିନେମା 'ଦ ଇଣ୍ଟର୍ନ'ରେ ଋଷି କପୁର ଅଭିନୟ କରିଥାଆନ୍ତେ। କିନ୍ତୁ ତାଙ୍କର ବିୟୋଗ ପରେ ସେ ଭୂମିକାରେ କିଏ ଅଭିନୟ କରିବ ସେ ନେଇ ପ୍ରଥମେ ପ୍ରଯୋଜକ ଅଡ୍ଡୁଆରେ ପଡ଼ିଥିଲେ। ଏ ନେଇ ଜ୍ୟାକି ଶ୍ରଫଙ୍କ ନାମ ବିଚାରକୁ ନିଆଯାଇଥିଲା। କିନ୍ତୁ ଶେଷରେ ଅମିତାଭଙ୍କୁ ସାଇନ୍ କରାଯାଇଥିଲା। ଆଉ ଏପରି ମିଲେନିୟମ ଷ୍ଟାରଙ୍କ ସହ ଆକ୍ଟିଂ କରିବାର ସୁଯୋଗ ମିଳିବା ନେଇ ଦୀପିକା କହନ୍ତି, 'ଯେତେବେଳେ ମୁଁ ଏକଥା ଶୁଣିଲି, ତାହାକୁ ବିଶ୍ୱାସ କରିପାରି ନଥିଲି। ଅମିତ୍‌ଜୀଙ୍କ ସହ ଆକ୍ଟିଂ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ନିକଟରେ ଏହି ଫିଲ୍ମର ପ୍ରଥମ ପୋଷ୍ଟର ରିଲିଜ୍ ହୋଇଛି ଏବଂ ତାହା ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି।' 'ପିକୁ' ପରେ ଦ୍ୱିତୀୟ ଥର ଅମିତାଭଙ୍କ ସହ ଦୀପିକା ଅଭିନୟ କରିବେ। ଏହି ଫିଲ୍ମଟି ହଲିଉଡ୍ ସିନେମା 'ଦ ଇଣ୍ଟର୍ନ'ର ରିମେକ୍। ଏହାବ୍ୟତୀତ ଦୀପିକା-ରଣବୀର ସିଂ ଅଭିନୀତ ତଥା ବିଶିଷ୍ଟ ତଥା ଲୋକପ୍ରିୟ କ୍ରିକେଟ ଖେଳାଳି ଏବଂ ଭାରତକୁ ପ୍ରଥମ ବିଶ୍ୱକପ୍ ସ୍ୱାଦ ଚଖାଇଥିବା କପିଳ ଦେବଙ୍କ ଜୀବନୀକୁ ନେଇ ପ୍ରସ୍ତୁତ '୮୩' ରିଲିଜ୍ ଅପେକ୍ଷାରେ ରହିଛି।


ଦୀପିକା

# ଦିଶାଙ୍କ ଫିଟ୍‌ନେସ୍ ଗୁରୁ

ଦିଶା ପଟାନିଙ୍କ ଫିଟ୍‌ନେସ୍ ଗୁରୁ କିଏ ହୋଇଥିବେ ଟିକେ ଅନୁମାନ କଲେ ? ଅନେକ ଏହି ଉତ୍ତର ସହ ଏକମତ ହେବେ ଯେ ଟାଇଗର ଶ୍ରଫ। ଯେତେବେଳେ ଟାଇଗରଙ୍କ ପରି ଫିଟ୍ ଆଣ୍ଡ ଫାଇନ୍ ଟ୍ରେନର ଅଛନ୍ତି, ସେତେବେଳେ ଦିଶା ଆଉ କେଉଁ ଟ୍ରେନରଙ୍କ ନିକଟକୁ କାହିଁକି ଯିବେ କାହୁନାହାନ୍ତି ? କଥା କ'ଣ କି, ଦିଶା ଏବେ ନିଜ ଫିଟ୍‌ନେସ୍‌କୁ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱ ଦେଉଛନ୍ତି। କାରଣ ତାଙ୍କର ଓଜନ ଟିକେ ବଢ଼ିଯାଇଛି। ତେଣୁ ଏବେ ଡାଏଟିଂ କରିବା ସହ ଜିମ୍‌ରେ ଅଧିକ ସମୟ କଟାଉଛନ୍ତି। ନିଜର ଏହି ମିଶନ ସମ୍ପର୍କରେ ଦିଶା କହନ୍ତି, 'ମୁଁ ଏବେ ମୋ ଫିଟ୍‌ନେସ୍ ପ୍ରତି ଅଧିକ ଗୁରୁତ୍ୱ ଦେଉଛି। କାରଣ ମୋର ଓଜନ ବଢ଼ିଯିବାରୁ ତାକୁ ବାଲାନ୍ସ କରିବାକୁ ଚାହୁଁଛି। ଏ ନେଇ ଯେତେବେଳେ ମୁଁ ଟାଇଗରଙ୍କୁ କହିଲି ସେ କିଛି ଟିପ୍ସ ଦେବା ସହ ଜିମ୍‌ରେ ମୋତେ ସହଯୋଗ କରୁଛନ୍ତି। ସତ କଥା ହେଲା ତାଙ୍କ ପରି ଫିଟ୍‌ନେସ୍ ଗୁରୁ ପାଇଁ ମୁଁ ନିଜକୁ ପ୍ରାଉଡ୍ ଫିଲ୍ କରୁଛି।'

ପ୍ରଥମ ରୋଜଗାର



ଗୀତିକାର, କଣ୍ଠଶିଳ୍ପୀ, ନାଟ୍ୟ ନିର୍ଦ୍ଦେଶକ ମହେଶ୍ୱର ଜେନା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଦରମା ଟଙ୍କାରେ ମା' ଭଗବତୀଙ୍କ ପାଖେ ଭୋଗ କରିଥିଲି

**ଖୋ**ର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ସାନହନ୍ତୁଆଡ ଗାଁରେ ମୋର ଜନ୍ମ। ବାଣପୁର ବାଳକ ଉଚ୍ଚ ବିଦ୍ୟାଳୟରୁ ୧୯୮୮ରେ ମାଟ୍ରିକ ପାସ୍ କରିବା ପରେ ଗୋଦାବରୀଶ ମହାବିଦ୍ୟାଳୟରେ ସ୍ନାତକ ଯାଏ ପଢ଼ିଥିଲି। ସ୍ନାତକ ପାସ୍ କରିବାର କିଛିଦିନ ପରେ ନରେନ୍ଦ୍ରପୁର ଗ୍ରା.ପ. ଉପେନ୍ଦ୍ର ବିଦ୍ୟାପୀଠରେ କ୍ଲରିକାଲ୍ ପୋଷ୍ଟ ପାଇଁ ବିଜ୍ଞାପନ ବାହାରି ଥିବା ଦେଖି ସେଥିରେ ଇଣ୍ଟରଭ୍ୟୁ ଦେଲି ଆଉ ସିଲେକ୍ଟ ହୋଇ ୧୯୯୪ରେ ସେଠାରେ ଜଏନ୍ କରିଥିଲି। ସେତେବେଳେ ଏହି ବିଦ୍ୟାପୀଠଟି ମ୍ୟାନେଜ୍‌ମେଣ୍ଟ ଦ୍ୱାରା ପରିଚାଳିତ ହେଉଥିଲା। ଆଉ ସେହି ମ୍ୟାନେଜ୍‌ମେଣ୍ଟ ତରଫରୁ ମୋତେ ୪୦୦ ଟଙ୍କା ଦରମା ମିଳୁଥିଲା। ପ୍ରଥମ ମାସ ଦରମା ପାଇବା ପରେ ମା' ଭଗବତୀଙ୍କ ପାଖେ ଭୋଗ କରିଥିଲି। ତା'ସହିତ ଘର ଠାକୁରଙ୍କ ପାଖେ ପୂଜା କରିବାକୁ ବୋଉ ହାତରେ ବି କିଛି ଟଙ୍କା ଦେଇଥିଲି। ଯେହେତୁ ମୁଁ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଜଣେ ଭକ୍ତ ଥିଲି, ତେଣୁ କିଛି ଟଙ୍କା ଠାକୁରଙ୍କ ପାଖେ ଅର୍ଘ୍ୟ ବି ଦେଇଥିଲି। ଏହିପରି ଭାବେ ମୋର ପ୍ରଥମ ଦରମା ଟଙ୍କା ଖର୍ଚ୍ଚ ହୋଇଥିଲା। ତେବେ ୧୯୯୪ରୁ ଆଜି ପର୍ଯ୍ୟନ୍ତ ମୁଁ ସେହି ନରେନ୍ଦ୍ରପୁର ବିଦ୍ୟାପୀଠରେ କ୍ଲରିକାଲ୍ ପୋଷ୍ଟରେ କାର୍ଯ୍ୟ କରିଆସୁଅଛି। ଅବଶ୍ୟ ଯା'ଭିତରେ ୨୦୦୪ରେ ଉକ୍ତ ବିଦ୍ୟାପୀଠଟି ବ୍ଲକ୍ ଗ୍ରାଣ୍ଟ ଏବଂ ପରେ ୨୦୧୨ରେ ନ୍ୟୁ ଏଡେଡ୍ ପରିସରଭୁକ୍ତ ହୋଇସାରିଛି। ଆଉ ସେହି ଅନୁଯାୟୀ, ମୋର ଦରମା ବି କିଛିଟା ବୃଦ୍ଧି ପାଇଛି। ଏ ତ ଥିଲା ମୋ ଚାକିରି ଜୀବନ କଥା। ଏହାବାଦ୍ ଗୀତ ଗାଇବା, ଗୀତ ଲେଖିବା, ମଞ୍ଚ ନାଟକରେ ନିର୍ଦ୍ଦେଶନା ଦେବାରେ ବି ମୋର ଖୁବ୍ ରୁଚି ରହିଛି। ସ୍କୁଲ୍‌ରେ ପଢିଲାବେଳେ ଆମ ପଡ଼ିଶା ଘରେ ଜଣଙ୍କର ପୁରୁଣା ହାର୍‌ମୋନିୟମ୍ ଥିଲା। ତାକୁ ଆଣି ସଜାଡି ନିଜେ ନିଜେ ବଜାଇବା ଶିଖିଥିଲି। ଧୀରେ ଧୀରେ ଗୀତ ବି ଗାଇଲି। କଣ୍ଠ ଭଲ ଥିବାରୁ ସ୍କୁଲ୍ ଫଙ୍କ୍‌ସନରେ ଗାଇବାକୁ ମୋତେ ଅନେକ ଥର କୁହାଯାଇଥିଲା। ଏଥିସହିତ ସ୍କୁଲ୍ ଡ୍ରାମାରେ ମଧ୍ୟ ବହୁବାର ଅଭିନୟ କରିଥିଲି। ଏପରି କି କଲେଜରେ ପଢ଼ିଲାବେଳେ କଲେଜ ଫଙ୍କ୍‌ସନରେ ଗୀତ ଗାଇବା ସହ ନାଟକରେ ଅଭିନୟ ବି କରୁଥିଲି। ସେହିପରି +୩ରେ କଲେଜରେ ଡ୍ରାମାଟିକ୍ ସେକ୍ରେଟାରୀ ମଧ୍ୟ ହୋଇଥିଲି। କ୍ରମେ ପ୍ରତିବର୍ଷ ଗାଁରେ ହେଉଥିବା ଦଣ୍ଡଯାତ୍ରାରେ ଅଭିନୟ କରିବାକୁ ଲାଗିଲି। ଅଭିନୟ ସାଙ୍ଗକୁ ଧୀରେ ଧୀରେ ନାଟକରେ ନିର୍ଦ୍ଦେଶନା ଦେବା ମଧ୍ୟ ଆରମ୍ଭ କରିଥିଲି। କେବଳ ଗାଁ ନାଟକ ନୁହେଁ କ୍ରମେ ବିଭିନ୍ନ କ୍ଲବ ତଥା ଅନୁଷ୍ଠାନ ତରଫରୁ ଆୟୋଜନ କରାଯାଉଥିବା ମଞ୍ଚ ନାଟକରେ ବି ନିର୍ଦ୍ଦେଶନା ଦେଇ ଚାଲିଲି। ଯା' ଭିତରେ 'ଧନରେ ଗେଲ କରିବାକୁ ମନ', 'ଜଗନ୍ନାଥଙ୍କୁ ଖୋଲା ଚିଠି', 'ରାତି ପାହିବାକୁ ଅଳପ ବାକି', 'ଫୁଲରେ ଝୁଲୁଛି ଫୁଲେଇ ରାଣୀ' ଭଳି ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକରେ ମୁଁ ନିର୍ଦ୍ଦେଶନା ଦେଇସାରିଲିଣି। ତା'ସହିତ 'ଝୁମୁରୁ' (ଶିକ୍ଷା ସମ୍ବନ୍ଧୀୟ) ଓ 'କଳଙ୍କ' (କମେଡି ଭିତ୍ତିକ) ନାମରେ ଏହି ଦୁଇଟି ନାଟକକୁ ମୁଁ ନିଜେ ଲେଖିଛି। ସେହିପରି ୨୦୦ରୁ ଊର୍ଦ୍ଧ୍ୱ ଗୀତ (ବିଶେଷ କରି ଭଜନ) ବି ମୁଁ ଲେଖିସାରିଛି। ତନ୍ମଧ୍ୟରୁ ମୋ ଲିଖିତ ତଥା ମ୍ୟୁଜିକ୍‌ରେ 'ମାରି ଦେଲା ଲୋ ସାରି ଦେଲା ଲୋ ନନ୍ଦ ଗୌଡ ପିଲା' ,'ଅଖିଳ ମୋହନ ଶ୍ୟାମ', 'ପଦ୍ମା ନଦୀର କିନାରେ', 'ସୃଷ୍ଟିର ନାଦ ତୁମେ', 'ଜଗା ପାଇଁ ମୋର କାଗଜ ଗୁଡ଼ି' ଇତ୍ୟାଦି ଭଜନକୁ ବହୁ ଲୋକପ୍ରିୟ କଣ୍ଠଶିଳ୍ପୀମାନେ ଗାଇ ସାରିଛନ୍ତି। ତା'ଛଡ଼ା ଦାରୁବ୍ରହ୍ମ ଦର୍ଶନ, ଗୋପରୁ ଶ୍ରୀକ୍ଷେତ୍ର, ଦେବରଞ୍ଜନୀ, ଜୟ ତୁ ଦୟାଲ୍, ମା' ମୋର ସାହା, ଭଗବତୀ ଭରସା ଭଳି ପ୍ରାୟ ୧୨ଟି କ୍ୟାସେଟ୍‌ରେ ମୁଁ ନିଜେ ଗୀତ ବି ଗାଇସାରିଛି। ତେବେ ଉକ୍ତ କ୍ୟାସେଟ୍‌ଗୁଡ଼ିକରେ ଥିବା କିଛି ଗୀତକୁ ମୁଁ ନିଜେ ଲେଖିବା ସହ ସଙ୍ଗୀତ ନିର୍ଦ୍ଦେଶନା ମଧ୍ୟ ଦେଇଛି। ଏସବୁ ବ୍ୟତୀତ ବିଭିନ୍ନ ଖବରକାଗଜ ତଥା ପତ୍ରପତ୍ରିକାରେ ମୋର ଅନେକ ଆର୍ଟିକିଲ୍ ପ୍ରକାଶିତ ହୋଇ ପାଠକଙ୍କ ଦ୍ୱାରା ବେଶ୍ ଆଦୃତ ମଧ୍ୟ ହୋଇସାରିଛି। ତେବେ ସଙ୍ଗୀତ ଓ ନାଟ୍ୟ ନିର୍ଦ୍ଦେଶନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ମୋତେ ସମ୍ମାନିତ ଓ ପୁରସ୍କୃତ ବି କରାଯାଇସାରିଛି।

– ଅମ୍ବିତା

# ମୃଗନୟନୀ ହୃଦୟ ରାଣୀ ନିମିଷକେ ନେଲା ମନକୁ କିଣି

**ପ୍ରଶ୍ନ–**ଥରେ ବାଟରେ ଯାଉ ଯାଉ ଜଣେ ସୁନ୍ଦରୀ ସହ ଭେଟ ହେଲା। ମାତ୍ର କେଇପଦ କଥାରେ ତା' ପ୍ରେମରେ ମୁଁ ପଡିଗଲି। ଏବେ ମୋତେ ଲାଗୁଛି ସତେ ଯେମିତି ମୋ ମନ ତା' ନିକଟରେ ବନ୍ଧା ପଡିଯାଇଛି। ହେଲେ ତା' ଠିକଣା ପଚାରିବାକୁ ଭୁଲିଯାଇଛି। ଏବେ କ'ଣ କରିବି ?

*–ବିଜୟ, ବ୍ରହ୍ମପୁର*

**ଉତ୍ତର:** କ୍ଷଣିକ ଦେଖାରେ ସେହି ସୁନ୍ଦରୀ ପ୍ରେମରେ ଆପଣ ଉବୁଟୁବୁ ହେଉଛନ୍ତି। 'ମୃଗନୟନୀ ହୃଦୟ ରାଣୀ, ନିମିଷକେ ନେଲା ମନକୁ କିଣି।' ଯେଉଁ କଥା ସେତେବେଳେ ଚିନ୍ତା କରି ପଚାରିବାର ଥିଲା ଏବେ ସେ ବିଷୟରେ ଭାବୁଛନ୍ତି। ଏବେ ଯେତେ ଚିନ୍ତା କଲେ ଆଉ କ'ଣ କରାଯାଇପାରିବ ? ସେତେବେଳେ ସେହି ସୁନ୍ଦରୀର ଚାହାଣୀରେ ଆପଣ ପାଗଳ ହୋଇଗଲେ। ଜୋସ୍‌ରେ ଆସି ହୋସ୍ ହରାଇଲେ। ଠାକୁରଙ୍କୁ ଡାକନ୍ତୁ ପୁଣି ସେହି ହୃଦୟ ରାଣୀ ସହ ଶୀଘ୍ର ଭେଟ ହେଉ। ଆଉ ସେତେବେଳେ ଯେମିତି ମନର ମାନସୀର ଠିକଣା ପଚାରିବାକୁ ଭୁଲି ନ ଯାଆନ୍ତି।

**ପ୍ରଶ୍ନ–**ମୁଁ ଯାହାକୁ ଭଲ ପାଉଛି ସେ ମୋତେ ପ୍ରକୃତରେ ଭଲ ପାଉଛି କି ନାହିଁ କେମିତି ଜାଣିବି ?

*–ପ୍ରୀତିଶ କୁମାର, ଢ଼େଙ୍କାନାଳ*

**ଉତ୍ତର:**ଏହାର ଏକ ସରଳ ଉପାୟ ଅଛି। ଯଦି ଆପଣଙ୍କ ପ୍ରେମିକାର ପ୍ରେମର ଗଭୀରତାକୁ ପରଖିବାକୁ ଚାହୁଁଛନ୍ତି ତେବେ ଟିକେ ବୁଦ୍ଧି ଖଟାଇବାକୁ ପଡିବ। ଆଉ ଜଣେ ଝିଅକୁ ତା' ସାମନାକୁ ନେଇ ପ୍ରେମର ନାଟକ କରନ୍ତୁ ନା ! ଯଦି ଆପଣଙ୍କ ପ୍ରେମିକା ଆପଣଙ୍କୁ ମନ ପ୍ରାଣ ଦେଇ ଲଭ୍ କରୁଥିବ ତେବେ ସେ କାଳ ବିଳମ୍ବ ନ କରି ପ୍ରତିବାଦ ନିଶ୍ଚୟ କରିବ। ଯଦି ସେମିତି କିଛି ଦେଖିବାକୁ ନ ପାଇଲେ ତେବେ ଜାଣିନିଅନ୍ତୁ ଯେ 'ଦାଲ୍ ମେଁ ଜରୁର୍ କୁଛ୍ କାଲା ହେ'।

**ପ୍ରଶ୍ନ–**ପ୍ରେମିକାର ଆଖିରେ ପ୍ରେମ ଲୁଚି ରହିଥାଏ। ଏକଥା ସତ କି ?

*–ତନ୍ମୟ ରାଉତ, କେନ୍ଦୁଝର*

**ଉତ୍ତର:**'ପ୍ରେମିକାର ସେହି ଚୋରା ଚାହାଣୀ, ତହିଁରେ ରହିଛି ପ୍ରେମ କାହାଣୀ'। ପ୍ରେମିକାର ଚାହାଣୀକୁ ଭଲ ଭାବରେ ଷ୍ଟଡି କରନ୍ତୁ। ତାହାର ମାନସିକତାକୁ ତର୍ଜମା କରନ୍ତୁ। ଯଦି ସେଥିରୁ ଜାଣିବାକୁ ପାଇଲେ ଯେ ତା' ମନ ଆପଣଙ୍କ ଆଡକୁ ଢ଼ଳୁଛି ତେବେ ବିଳମ୍ବ ନ କରି ବହି ଫିଟ୍ କରନ୍ତୁ। ନ ହେଲେ କିଏ ଜାଣେ, ସେହି ସୁନ୍ଦରୀର ମନ ଭିତରେ ଆଉ କିଏ ଆସି ବସା ବାନ୍ଧିବ।

**ପ୍ରଶ୍ନ–**ଜଣେ ଧନୀ ଝିଅକୁ ମୁଁ ପ୍ରେମ କରୁଛି। ହେଲେ ସେ ଭାବୁଛି ମୁଁ ତାକୁ ନୁହେଁ, ତା' ସମ୍ପତ୍ତିକୁ ଆଖେଇଛି। ଏପରି ସମସ୍ୟାର କିପରି ସମାଧାନ କରିବି ?

*–ବିବେକ ଦାସ, ଯାଜପୁର*

**ଉତ୍ତର:** ଏପରି ସମସ୍ୟା ଜଟିଳ ରୂପ ଧାରଣ କରି ବିସ୍ଫୋରଣ ହେବା ପୂର୍ବରୁ ତାହାର ଫଇସଲା କରନ୍ତୁ। ଆପଣଙ୍କ ପ୍ରେମିକା ମନରେ ଯଦି ଏହି ଭାବନା ଲାଗି ରହେ, ହୁଏତ ଦିନ ଆସିବ ସେ ତାହାକୁ ସତ ବୋଲି ଭାବିବ। ତେଣୁ ତା' ମନରୁ ଏପରି ଭାବନା ପ୍ରଥମେ ପୋଛି ଦିଅନ୍ତୁ। ଏହି ସନ୍ଦେହର ଭୂତ ଯେତେଶୀଘ୍ର ତା' ମନରୁ ଦୂର ହେବ ତାହା ଦୁହିଁଙ୍କ ପାଇଁ ଭଲ। ନ ହେଲେ ଏପରି ଭାବନା ପାଇଁ ଆପଣଙ୍କ ପ୍ରେମର ମୀନାର କେତେବେଳେ ଭୁଷୁଡି ପଡିବ ତାହା ଆପଣ କଳ୍ପନା କରିପାରିବେ ନାହିଁ।



ସାଥୀ










# ସମର୍ ଫ୍ୟାଶନ

**ଖରାଦିନେ ସୂର୍ଯ୍ୟଙ୍କର ପ୍ରଖର କିରଣ ସାଙ୍ଗକୁ ଝାଞ୍ଜି ପବନ ଭାରି କଷ୍ଟ ଦେଇଥାଏ। ଏହିଦିନେ ନା ହେଭି ୱାର୍କବାଲା ଡ୍ରେସ୍ ପିନ୍ଧିହୁଏ ନା ନିଜ ମନ ମୁତାବକ ଷ୍ଟାଇଲ୍ କରିହୁଏ। କିନ୍ତୁ ଏଠାରେ ସେମିତି କେତୋଟି ସମର୍ ଫ୍ୟାଶନ୍ ଟିପ୍ସ ସମ୍ପର୍କରେ ଉଲ୍ଲେଖ କରାଗଲା, ଯାହାକୁ ଆପଣେଇ ଯୁବତୀମାନେ ଖରାଦିନେ ବି ପାଇପାରିବେ ଆକର୍ଷଣୀୟ ଲୁକ୍ ...**

*ଖରାଦିନେ ମହିଳାମାନେ ନିଜ ୱାଡ୍‌ରୋବ୍‌ରେ ଧଳାରଙ୍ଗର ଆଉଟ୍‌ଫିଟ୍ ଯେମିତିକି ଧଳାରଙ୍ଗର ଶାର୍ଟ, ମ୍ୟାକ୍ସି ଡ୍ରେସ୍, ଲଖନୌ ସୁଟ୍, ଅନାରକଲି, ଶାଢ଼ି, ଶର୍ଟ୍ସ, ପେନ୍‌ସିଲ୍ ସ୍କର୍ଟ ଆଦି ରଖନ୍ତୁ। ଏସବୁକୁ ପିନ୍ଧିଲେ ସୋବର୍ ଲୁକ୍ ମିଳିଥାଏ।

*ସେହିପରି ବ୍ଲାକ୍ ଆଣ୍ଡ ହ୍ୱାଇଟ୍ କମ୍ବିନେଶନ ବି ଏହିଦିନେ ଖୁବ୍ ସୁନ୍ଦର ଦେଖାଯାଇଥାଏ। ଖାସ୍‌କରି ବ୍ଲାକ୍ କଲର୍‌ର ଜିନ୍ସ ସହ ହ୍ୱାଇଟ୍ କଲର୍‌ର ଶାର୍ଟ କିମ୍ବା ହ୍ୱାଇଟ୍ କଲର୍‌ର ଡ୍ରେସ୍ ଉପରେ ବ୍ଲାକ୍ କଲର୍‌ର ପୋଲ୍‌କା ପ୍ରିଣ୍ଟ ଥିବା ଆଉଟ୍‌ଫିଟ୍ ଖୁବ୍ ଟ୍ରେଣ୍ଡି ଲାଗିଥାଏ।

*ଯୁବତୀମାନେ ଚାହିଁଲେ ଧଳା ସାଙ୍ଗରେ ହାଲ୍‌କା ଗୋଲାପୀ, ହଳଦିଆ, କମଳା, ଲାଭେଣ୍ଡର୍ କିମ୍ବା ଅଲିଭ୍ ଗ୍ରୀନ୍ କଲର୍‌ର କମ୍ବିନେଶନ ଥିବା ଯେକୌଣସି ଆଉଟ୍‌ଫିଟ୍‌କୁ ଟ୍ରାଏ କରି ଆକର୍ଷଣୀୟ ଲୁକ୍ ପାଇପାରିବେ।

*ତା'ଛଡ଼ା ଖରାଦିନେ ଫ୍ଲୋରାଲ୍ ପ୍ରିଣ୍ଟର ଆଉଟ୍‌ଫିଟ୍ କୁଲ୍ ଲୁକ୍ ଦେଇଥାଏ। ଚେକ୍, ଷ୍ଟ୍ରାଇପ୍, ଜ୍ୟାମେଟ୍ରିକ୍ ପ୍ରିଣ୍ଟର ଆଉଟ୍‌ଫିଟ୍‌କୁ ବି ଏହିଦିନେ ଯୁବତୀମାନେ ଟ୍ରାଏ କରିପାରିବେ।

*ସେହିପରି ଖରାଦିନେ ଟାଇଟ୍ ଫିଟିଂ ଡ୍ରେସ୍ ନ ପିନ୍ଧି ଟିକେ ଢିଲା ଡ୍ରେସ୍ ପିନ୍ଧିଲେ ଆରାମ ଲାଗିଥାଏ। ବିଶେଷକରି କଟନ୍ ଫ୍ୟାବ୍ରିକ୍‌ର ଟି-ଶାର୍ଟ, ପ୍ଲାଜୋ, ଲେଗିଙ୍ଗ୍ସ ସହ ଲଙ୍ଗ୍ କୁର୍ତ୍ତୀ, ନି-ଲେଙ୍ଗ୍‌ଥ ଫ୍ରକ୍, ସାଲୱାର୍ ସୁଟ୍, ଆସିମେଟ୍ରିକ୍ ଟପ୍ସ ତଥା ଶାଢ଼ି ଇତ୍ୟାଦି ଖରାଦିନ ପାଇଁ ବେଶ୍ କମ୍ଫର୍ଟେବଲ।

*ଖରାଦିନେ ଇଭନିଂ ପାର୍ଟିକୁ ଯିବାକୁ ଥିଲେ ସିଫନ୍, ଜର୍ଜେଟ କିମ୍ବା ର' ସିଲ୍କର ୱାନ୍ ସୋଲ୍ଡର ଅବା ଅଫ୍ ସୋଲ୍ଡରବାଲା ଯେ କୌଣସି ଶର୍ଟ ଡ୍ରେସ୍ କିମ୍ବା ମ୍ୟାକ୍ସି ଡ୍ରେସ୍ ପିନ୍ଧି ପାରିବେ। ଏହା ପିନ୍ଧିବାକୁ କମ୍ଫର୍ଟେବଲ୍ ଲାଗିବା ସହ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ।

*ତା'ଛଡ଼ା ଏହି ସିଜିନ୍‌ରେ ପାର୍ଟି, ଫଙ୍କ୍‌ସନ୍ ପାଇଁ ଗୋଲ୍ଡେନ୍ କିମ୍ବା ସିଲ୍‌ଭର୍ କଲର୍‌ର ପାର୍ଟି ୱେୟର୍ ଖୁବ୍ ସୁନ୍ଦର ଦେଖାଯାଇଥାଏ। ଏପରିକି ଅଲିଭ୍ ଗ୍ରୀନ୍, ପିଙ୍କ୍ କିମ୍ବା ପିଚ୍ କଲର୍‌ର ଅନାରକଲି, ଲେହେଙ୍ଗା-ଚୋଲି, ଟ୍ରାଡିସିନାଲ୍ ଗାଉନ୍ କିମ୍ବା ଶାଢ଼ି ବି ଖରାଦିନିଆ ଫଙ୍କ୍‌ସନ୍ ପାଇଁ ବେଷ୍ଟ ଅପ୍ସନ ହୋଇଥାଏ।

* ଖରାଦିନେ ଗ୍ଲାମର୍ସ ଲୁକ୍ ଚାହୁଁଥିଲେ ଯୁବତୀମାନେ ଶୀୟର୍ ବା ଟ୍ରାନ୍ସପାରେଣ୍ଟ ଡ୍ରେସ୍ ଟ୍ରାଏ କରିପାରିବେ। କିନ୍ତୁ ଏହି ଆଉଟ୍‌ଫିଟ୍ କେବଳ ସ୍ଲିମ୍‌ଟ୍ରିମ୍ ଫିଗର୍ ଥିଲେ ହିଁ ଭଲ ମାନିଥାଏ।

*ଏହିଦିନେ ଅଧିକ ଗର୍ଜିୟସ୍ ଦେଖାଯାଉଥିବା କିମ୍ବା ହେଭି ଏମ୍ବ୍ରୋଏଡୋରୀ, ଷ୍ଟୋନ୍, ଚୁମ୍‌କି ତଥା ମିରର୍ କାମ ହୋଇଥିବା ଆଉଟ୍‌ଫିଟ୍ ବଦଳରେ ଗୋଲ୍ଡେନ୍, ସିଲଭର୍ କିମ୍ବା କୌଣସି ହାଲୁକା ରଙ୍ଗର ସିମ୍ପଲ୍ ଆଉଟ୍‌ଫିଟ୍‌କୁ ପ୍ରାଥମିକତା ଦେଲେ କୁଲ୍ ଲୁକ୍ ମିଳିଥାଏ।

* ଖରାଦିନେ ନିତ୍ୟ ବ୍ୟବହାର କରୁଥିବା କୁର୍ତ୍ତା, ଟପ୍ସ, ଟି-ଶାର୍ଟ, ଜିନ୍ସ, ପ୍ଲାଜୋ, ସ୍କର୍ଟ ଇତ୍ୟାଦି ସହିତ ଷ୍ଟୋଲ୍, ସ୍କାର୍ଫ, କଟନ୍ ଜ୍ୟାକେଟ୍ ଟ୍ରାଏ କରି ଡିଫରେଣ୍ଟ ଲୁକ୍ ପାଇପାରିବେ।







## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ସ୍ୱିଟି

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ପାଠପଢ଼ା

ବାପା ଶିକ୍ଷକଙ୍କୁ- ମୋ ପୁଅ ପାଠପଢ଼ାରେ କେମିତି ?
ଶିକ୍ଷକ- ଭାବି ନିଅନ୍ତୁ ଯେ, ଆର୍ଯ୍ୟଭଟ ଶୂନର ଉଦ୍ଭାବନ କେବଳ ଆପଣଙ୍କ ପୁଅ ପାଇଁ ହିଁ କରିଛନ୍ତି।

### ଟ୍ୟୁଶନ୍

ଶିକ୍ଷକ- ଏମିତି ଦିନ ଆସିବ ପୃଥିବୀରେ ପାଣି ନ ଥିବ, ଜୀବଜନ୍ତୁ ଲୋପ ପାଇଯିବେ, ପୃଥିବୀ ଧ୍ୱଂସ ହୋଇଯିବ।
ମଣ୍ଟୁ- ସେଦିନ ବି କ'ଣ ଟ୍ୟୁଶନ୍ ହେବ ? ନା ବନ୍ଦ ରହିବ।

### ଫରକ

ସ୍ତ୍ରୀ ସ୍ୱାମୀଙ୍କୁ- ଏକବଚନ, ବହୁବଚନ ଓ ପ୍ରବଚନ ଭିତରେ ଫରକ କ'ଣ ?
ସ୍ୱାମୀ- ସ୍ୱାମୀ କହୁଥିବା କଥା ଏକବଚନ। ବୋହୂ କହିଲେ ବହୁବଚନ। ଆଉ ଶାଶୁ କହିଲେ ତାହା ପ୍ରବଚନ।

# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ସିକିମ୍

**ସିକିମ୍ ଭାରତର ଏକ ଆକର୍ଷଣୀୟ ତଥା ଛୋଟ ରାଜ୍ୟ, ଯାହାର ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଶବିଦେଶର ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ବିଶେଷକରି ପ୍ରକୃତିପ୍ରେମୀଙ୍କ ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ।**





ସିକିମ୍ ଭାରତର ଉତ୍ତର-ପୂର୍ବ ଭାଗରେ ଅବସ୍ଥିତ ଏକ ପାର୍ବତୀୟ ରାଜ୍ୟ; ଯାହା ନିଜର ଆକର୍ଷଣୀୟ ନଦୀ, ପାହାଡ଼, ଝରଣା, ହ୍ରଦ, ପ୍ରାଚୀନ ମଠ, ଅର୍କିଡ୍ ନର୍ସରୀ ତଥା ଆଶ୍ଚର୍ଯ୍ୟଜନକ ଟ୍ରେକିଂ ମାର୍ଗ ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ଖାସ୍ ସେଥିପାଇଁ ବର୍ଷର ବିଭିନ୍ନ ସମୟରେ ଏଠାରେ ପର୍ଯ୍ୟଟକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ।

### ଇତିହାସ

ସିକିମ୍‌ର ଇତିହାସ ସେହି ସମୟକୁ ବୁଝାଏ, ଯେତେବେଳେ ଲେପ୍‌ଚାମାନେ ଏହି ରାଜ୍ୟର ମୂଳନିବାସୀ ଥିଲେ। ତା'ଛଡ଼ା ଅଷ୍ଟମ ଶତାବ୍ଦୀ ବେଳକୁ ବୌଦ୍ଧ ସନ୍ଥ ଗୁରୁ ରିନ୍‌ପୋଚେ (ପଦ୍ମସମ୍ଭବ) ସିକିମ୍‌ରେ ବୌଦ୍ଧ ଧର୍ମର ପ୍ରଚାର ଆରମ୍ଭ କରିବା ସହ ଉକ୍ତ ରାଜ୍ୟର ଉତ୍ତରୋତ୍ତର ଉନ୍ନତି ପାଇଁ ଆଶୀର୍ବାଦ କରିଥିଲେ ବୋଲି ମଧ୍ୟ ସୂଚନା ରହିଛି। ତେବେ ସିକିମ୍‌ରେ ମୁଖ୍ୟତଃ ଲେପ୍‌ଚା, ଭୁଟିୟା ତଥା ତିବ୍ବତୀ ଏହିପରି ତିନି ସମ୍ପ୍ରଦାୟର ଲୋକ ବସବାସ କରିଥାଆନ୍ତି। ତେଣୁ ସେହି ଅନୁଯାୟୀ ସେମାନଙ୍କର ପରିପାଟୀ, ପର୍ବପର୍ବାଣି ତଥା ଖାଦ୍ୟଶୈଳୀ ଭିନ୍ନ ହୋଇଥାଏ।

### କ'ଣ ଦେଖିବେ

ସିକିମ୍‌ରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଅନେକ ଦର୍ଶନୀୟ ସ୍ଥାନ ରହିଛି। ସେଗୁଡ଼ିକ ମଧ୍ୟରେ ପ୍ରମୁଖ ହେଲା- ସୋମ୍‌ଗୋ ହ୍ରଦ, ନଥୁଲା ପାସ୍, ଡିୟର୍ ପାର୍କ, ରୁମ୍‌ଟେକ୍ ମଠ ଇତ୍ୟାଦି। ଏତଦ୍‌ବ୍ୟତୀତ ମହାନ୍ ସାଧୁ ଗୁରୁ ପଦ୍ମସମ୍ଭବଙ୍କ ସବୁଠାରୁ ଉଚ୍ଚମୂର୍ତ୍ତି ବି ଏହିଠାରେ ଦେଖିବାକୁ ମିଳିଥାଏ। ତେବେ ସିକିମ୍‌ର ରାଜଧାନୀ ଗାଙ୍ଗଟକ୍‌ରେ ବି ପର୍ଯ୍ୟଟକଙ୍କ ପାଇଁ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଖାସ୍ କରି ଗାଙ୍ଗଟକ୍‌ରେ ଥିବା ଲାଲ୍ ବଜାର ନାମକ ଏକ ବଜାରରେ ପର୍ଯ୍ୟଟକ ବୁଲିବା ସହ ନିଜର ପ୍ରିୟଜନଙ୍କ ପାଇଁ ବହୁତ କିଛି ଉପହାର ବେଶ୍ ସୁଲଭ ଦରରେ କିଣି ଆଣିପାରିବେ। ତା'ଛଡ଼ା ସିକିମ୍‌ରେ ପ୍ରାୟ ପାଞ୍ଚ ହଜାର ପ୍ରଜାତିର ଫୁଲଗଛ ଦେଖିବାକୁ ମିଳିଥାଏ; ତନ୍ମଧ୍ୟରୁ ପ୍ରାୟ ୫୧୫ ପ୍ରକାର ହେଉଛି ଭିନ୍ନ ଭିନ୍ନ ପ୍ରଜାତିର ଅର୍କିଡ୍। ଏସବୁ ବ୍ୟତୀତ ଅନେକ ପାହାଡ଼, ଝରଣା, ହ୍ରଦ, ନଦୀ ତଥା ଠାଏଠାଏ ଥିବା ଅର୍କିଡ ଗାର୍ଡେନ୍ ମଧ୍ୟ ପର୍ଯ୍ୟଟକ ବୁଲି ଦେଖିପାରିବେ।







### ଦୁଃସାହସିକ କ୍ରୀଡ଼ାର ମଜା

ଏହା ଏମିତି ଏକ ରାଜ୍ୟ ; ଯାହା ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଆକର୍ଷଣୀୟ କଳା ସଂସ୍କୃତି ସହିତ ବିଭିନ୍ନ ପ୍ରକାର ରୋମାଞ୍ଚକାରୀ ଦୁଃସାହସିକ କ୍ରୀଡ଼ା ପାଇଁ ବି ପ୍ରସିଦ୍ଧି ଲାଭ କରିପାରିଛି। ଖାସ୍ କରି ଟ୍ରେକିଂ ପ୍ରିୟ ପର୍ଯ୍ୟଟକଙ୍କ ପାଇଁ ଏହା ଏକ ସ୍ୱର୍ଗସମ ସ୍ଥାନ ହୋଇଥାଏ। ତା'ଛଡ଼ା ରିଭର୍ ରାଫ୍ଟିଂ, ବାଇକିଂ ଓ ଚମରୀ ଗାଈ ଉପରେ ବସି ବୁଲିବାର ଅପୂର୍ବ ଆନନ୍ଦ ମଧ୍ୟ ପର୍ଯ୍ୟଟକ ଏଠାରେ ନେଇପାରିବେ।

### ଖାଦ୍ୟପେୟ

ସିକିମ୍‌ରେ ମୁଖ୍ୟତଃ ନେପାଳ, ଭୁଟାନ୍, ତିବ୍ବତ ତଥା ଭାରତୀୟ ଶୈଳୀରେ ପ୍ରସ୍ତୁତ କରାଯାଉଥିବା ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ଖାଇବାକୁ ମିଳିଥାଏ। ଏହି ରାଜ୍ୟର ଖାଦ୍ୟଶୈଳୀ ବିଶେଷତଃ ନିଜର ଚତୁଃପାର୍ଶ୍ୱର ସଂସ୍କୃତି ତଥା ଧର୍ମଦ୍ୱାରା ପ୍ରେରିତ ହୋଇଥାଏ।

### କେବେ ଓ କେମିତି ଯିବେ

ସିକିମ୍ ବୁଲିଯିବା ପାଇଁ ଏପ୍ରିଲ୍‌ରୁ ସେପ୍ଟେମ୍ବର ହେଉଛି ସବୁଠୁ ଭଲ ସମୟ। ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ତେବେ ଜୁଲାଇରୁ ସେପ୍ଟେମ୍ବର ଭିତରେ ଏଠାରେ ସାମାନ୍ୟ ବର୍ଷା ହେଉଥିବା ମଧ୍ୟ ପରିଲକ୍ଷିତ ହୋଇଥାଏ। ସେହିପରି ଶୀତଦିନେ ଏଠାକାର ତାପମାତ୍ରା ପ୍ରାୟ କମିଯାଏ, ଏପରିକି ସ୍ଥାନେ ସ୍ଥାନେ ପ୍ରବଳ ତୁଷାରପାତ ବି ହୋଇଥାଏ। ତେଣୁ ଶୀତଦିନେ ଏଠାକୁ ବୁଲିଯିବା ପାଇଁ ବାରଣ କରାଯାଇଥାଏ। ତେବେ ଏସବୁ ଦୃଷ୍ଟିରୁ ବିଚାର କଲେ, ସିକିମ୍‌କୁ ଏପ୍ରିଲ୍‌ରୁ ମେ' ଭିତରେ ବୁଲିଯିବା ସବୁଠୁ ଉପଯୁକ୍ତ ହୋଇଥାଏ। ସେହିପରି ସିକିମ୍‌କୁ ବୁଲିଯିବା ପାଇଁ ଗମନାଗମନର ତିନୋଟି ମାଧ୍ୟମ ରେଳ, ବସ୍ ତଥା ଟ୍ରେନ୍‌ର ବେଶ୍ ଭଲ ସୁବିଧା ରହିଛି।









# ଜିଭରେ ଅଟକାନ୍ତି ଚଳନ୍ତା ଫ୍ୟାନ୍

**ଫ୍ୟା**ନ୍ ବୁଲୁଥିବା ସମୟରେ ଦେଖିଥିବେ ଏହା କେତେ ଜୋର୍‌ରେ ବୁଲିଥାଏ। ଆଙ୍ଗୁଠି ଯଦି ଭୁଲ୍‌ରେ ବାଜିଯାଏ, କଟିଯିବାର ଭୟ ଥାଏ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ଜଣେ ବିସ୍ମୟ ମହିଳା ଅଛନ୍ତି, ଯେ କି ଚଳନ୍ତା ଫ୍ୟାନ୍‌କୁ ନେଇ ଏମିତି ଏକ ଅଦ୍ଭୁତ ଷ୍ଟଣ୍ଟ କରନ୍ତି ; ଯାହାକୁ ଦେଖି ଯେ କେହି ଭାବିବେ ଏହା ସତ ନୁହେଁ ଜାଦୁକରର ଯାଦୁ ବୋଲି। ସାଧାରଣତଃ ସମସ୍ତେ ଫ୍ୟାନ୍ ବନ୍ଦ କରିବା ପାଇଁ ସୁଇଚ୍ ବନ୍ଦ କରନ୍ତି। କିନ୍ତୁ ଏହି ମହିଳା ଫ୍ୟାନ୍‌ର ପଙ୍ଖାକୁ ରୋକିବା ଲାଗି ଆପଣାନ୍ତି ବେଶ୍ ଆଶ୍ଚର୍ଯ୍ୟଜନକ ଉପାୟ। ଖୁବ୍ ବେଗରେ ବୁଲୁଥିବା ପଙ୍ଖାକୁ ସେ ନିଜ ଜିଭ ସାହାଯ୍ୟରେ ଅଟକାନ୍ତି। ଫ୍ୟାନ୍ ଯେତେ ସ୍ପିଡ୍‌ରେ ବୁଲୁଥାଉ ନା କାହିଁକି ପଙ୍ଖାକୁ ସେ ଜିଭ ସାହାଯ୍ୟରେ ଅଟକାଇ ପାରନ୍ତି। ଏଥିପାଇଁ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ତାଙ୍କ ନାମ ସ୍ଥାନ ପାଇଛି। ସେ ଏହି ରେକର୍ଡ ଇଟାଲୀୟ ଗେମ୍ ଶୋ 'ଲା ଶୋ ଦ ରେକର୍ଡ'ରେ କରିଥିଲେ।

## କାର୍ଟୁନ କର୍ନର



# ଫୁଡ୍ ଥିମ୍ ଇୟରିଂ

**କିଛି ନୂଆ ଓ ଅଜବ ଫ୍ୟାଶନ୍ ଟ୍ରାଏ କରି ଡିଫରେଣ୍ଟ ଲୁକ୍ ପାଇବାକୁ ଅନେକଙ୍କର ଇଚ୍ଛା ଥାଏ। ସେଇମାନେ ଏଇ ଫୁଡ୍ ଥିମ୍ ଇୟରିଂ ଟ୍ରାଏ କରିପାରିବେ। ଏହି ଇୟରିଂ ଯେତିକି ୟୁନିକ୍, ସେତିକି କ୍ୟୁଟ୍ ବି। ଏହାକୁ ମଡର୍ନ ଆଉଟ୍‌ଫିଟ୍ ସହ ଟ୍ରାଏ କରନ୍ତୁ। ଆଉ ପାଆନ୍ତୁ ଏକ ଡିଫରେଣ୍ଟ ଲୁକ୍...**













**ଆଇସ୍‌କ୍ରିମ୍ ଇୟରିଂ–** କୁନି କୁନି କୋନ୍ ଆଇସ୍‌କ୍ରିମ୍, ଯେଉଁଥିରେ ଥିବ ଏକ ସ୍କୁପ୍ ଚକୋଲେଟ୍ ଫଜ୍। ତା' ଉପରେ ପଡିଥିବ ଷ୍ଟ୍ରବେରୀ କ୍ରିମ୍ ସସ୍, ଚକୋଲେଟ୍ ଚିପ୍ସ, ମିଣ୍ଟ କ୍ୟାଣ୍ଡି ଓ ମିଣ୍ଟ ୱେଫର୍। ଦେଖିବାକୁ ସତସତିକା ଯମି ଆଇସ୍‌କ୍ରିମ୍ ପରି। ହେଲେ ଡେଲିସିୟସ୍ ଲାଗୁଥିବା ଏହି ଆଇସ୍‌କ୍ରିମ ବାସ୍ତବରେ ଇୟରିଂ ଅଟେ। ଏହି ଇୟରିଂ ପିନ୍ଧିଲେ ଆପଣଙ୍କୁ ମିଳିବ ଏକ ଡିଫରେଣ୍ଟ ଲୁକ୍।

**କ୍ରିସ୍ପି ଫ୍ରାଇଡ୍ ଚିକେନ୍ ଇୟରିଂ–** ଏହି ଇୟରିଂକୁ ଦେଖିଲେ ଖାଇବାକୁ ଇଚ୍ଛା ହେବ। ଚାହିଁଲେ ଆପଣ ଏହାକୁ କୌଣସି ଚିକେନ୍‌ପ୍ରିୟ ସାଙ୍ଗଙ୍କୁ ଗିଫ୍ଟ ବି ଦେଇପାରିବେ। କାଜୁଆଲ ଡିନର୍ ଡେଟ୍‌ରେ ଫଙ୍କି ଲୁକ୍ ଚାହୁଁଥିଲେ ମଧ୍ୟ ଏହାକୁ ଟ୍ରାଏ କରିପାରିବେ।

**ଫ୍ରୁଟ, ଭେଜିଟେବୁଲ୍ ଇୟରିଂ–** ଖାଣ୍ଟି ଭେଜିଟାରିଆନ୍‌ଙ୍କୁ ଏଇ ଇୟରିଂ ନିଶ୍ଚୟ ଭଲ ଲାଗିବ। କାନରେ ଗାଜର, ବାଇଗଣ, ସିମ୍‌ଲା ମିର୍ଚ, ଟମାଟୋ, କଦଳୀ ଆଦିର ଇୟରିଂ କ୍ୟୁଟ୍ ଲୁକ୍ ଦେବ।

**କଟନ୍ କ୍ୟାଣ୍ଡି/ ବମ୍ବେ ଲଡୁ ଇୟରିଂ–** କଟନ୍ କ୍ୟାଣ୍ଡି ଖାଇବାକୁ କିଏବା ଭଲ ନ ପାଏ। ହାତରେ ରଙ୍ଗ କରାଯାଇଥିବା କଟନ୍‌ରେ ତିଆରି ଏହି କ୍ୟୁଟ୍ ପିଙ୍କ କଲର୍ କଟନ୍ କ୍ୟାଣ୍ଡି ଇୟରିଂ ଟିନ୍ ଏଜ୍ ଝିଅଙ୍କୁ ବହୁତ ଭଲ ଲାଗିବ।

**ସ୍ପାଇସି ପିଜ୍ଜା ଇୟରିଂ–** ଓଭନ୍‌ରୁ ଗରମ ଗରମ ବାହାରିଥିବା ଯମି ପିଜ୍ଜା ପରି ଦେଖାଯାଏ ଏହି ଇୟରିଂ। ଏହାର ଟପିଂସ୍‌ରେ ଟମାଟୋ ସସ୍, ମୋଜେରେଲା ଚିଜ୍, ସ୍ପାଇସି ପେପରୋନି ଓ ଓରେଗାନୋ ବି ଦେଖିବାକୁ ପାଇବେ। ସତସତିକା ପିଜ୍ଜା ପରି ଲାଗୁଥିବା ଏହି ଇୟରିଂ ପିଜ୍ଜା ପ୍ରିୟଙ୍କୁ ବେଶ୍ ଭଲ ଲାଗିବ।

**ଫ୍ରାଏଡ୍ ଏଗ୍ ଇୟରିଂ–** ଅଣ୍ଡାପ୍ରିୟ ହୋଇଥିଲେ ଫ୍ରାଏଡ୍ ଏଗ୍ ଇୟରିଂ ଟ୍ରାଏ କରନ୍ତୁ। ଏହା ଫଙ୍କି ଲୁକ୍ ଦେବ।

**ରୋଜ୍ ଆଣ୍ଡ ବୋ' କପ୍ କେକ୍ ଇୟରିଂ–** ଏଇ ଇୟରିଂ ଦେଖିବାକୁ ଭାରି କ୍ୟୁଟ୍। ଚକୋଲେଟ୍ କପ୍‌କେକ୍ ଉପରେ ଗୋଲାପ ଫୁଲ ଓ ବୋ' ଥିବା ଏହି ଇୟରିଂ ବହୁତ ଭଲ ଲାଗେ।

**ଜଙ୍କ ଫୁଡ୍ ଇୟରିଂ–** ହାମ୍ ବର୍ଗର, ଫ୍ରେଞ୍ଚ ଫ୍ରାଇସ୍, ନୁଡଲ୍ ପ୍ୟାକେଟ୍, ପଟାଟୋ ଚିପ୍ସ ଭଳି ବିଭିନ୍ନ ଜଙ୍କ୍ ଫୁଡ୍‌ର ଇୟରିଂ ବି ମିଳୁଛି। ଏହିସବୁ କଲର୍‌ଫୁଲ୍ ଇୟରିଂ ଯେତିକି କ୍ୟୁଟ୍ ସେତିକି କ୍ୟୁଟ୍ ଲୁକ୍ ବି ଦିଏ।

**ବ୍ରେଡ୍ ଇୟରିଂ–** ଫ୍ରେଶ୍ ବ୍ରେଡ୍ ପରି ଦେଖାଯାଉଥିବା ଇୟରିଂ ସହ ବ୍ରେଡ୍ ଆମ୍‌ଲେଟ୍ ଇୟରିଂ ବି ଅଛି। ସତସତିକା ଲାଗୁଥିବା ଏହି ଇୟରିଂକୁ ବି ଟ୍ରାଏ କରିପାରିବେ।

**ହାମବର୍ଗର ଓ ଚିଜ୍ ସ୍ୟାଣ୍ଡୱିଚ୍ ଇୟରିଂ–** ହାମ୍‌ବର୍ଗର୍ ଓ ଚିଜ୍ ସ୍ୟାଣ୍ଡୱିଚ ଆପଣଙ୍କୁ ଭଲ ଲାଗେ କି? ଯଦି ହଁ, ତେବେ ସତସତିକା ଡେଲିସିୟସ୍ ହାମବର୍ଗର୍ ଏବଂ ଚିଜ୍ ସ୍ୟାଣ୍ଡୱିଚ୍ ପରି ଦେଖାଯାଉଥିବା ଇୟରିଂ ବାଛିପାରିବେ। ଏହା ଆପଣଙ୍କୁ ଫଙ୍କି ଲୁକ୍ ଦେବ।











ବ୍ୟାକ୍ ପେଜ୍


# ପାନ ଏଟିଏମ୍

**ଭା**ରତର କୋଣ ଅନୁକୋଣରେ ପାନ ଖାଇବା ସଉକ ଥିବା ଲୋକ ଅଛନ୍ତି। ପାନକୁ କେବଳ ଖାଇବା ପାଇଁ ନୁହେଁ, ବିଭିନ୍ନ ମାଙ୍ଗଳିକ କାମରେ ବି ବ୍ୟବହାର ହୋଇଥାଏ। ତେବେ ବଜାରରେ ସେତେବେଳେ ପାନ ମିଳେ, ଯେବେ ଦୋକାନ ଖୋଲେ। କିନ୍ତୁ ପୁଣେରେ ପାନ ସଉକିନଙ୍କୁ କିଭଳି ୨୪ ଘଣ୍ଟା ପାନ ମିଳିପାରିବ ସେ ବ୍ୟବସ୍ଥା ହୋଇଛି। ଆଉ ଖୋଲା ଯାଇଛି ପ୍ରଥମ ପାନ ଏଟିଏମ୍ । ଏହି ବ୍ୟବସ୍ଥା କରିଥିବା ଦୋକାନର ନାମ ହେଉଛି 'ଶୌକିନ'। ଦୋକାନର ମାଲିକ ଶରଦ ମୋରେ ଦାବି କରନ୍ତି ଯେ, ''ଏହି ମେଶିନ ହେଉଛି ଭାରତର ପ୍ରଥମ 'ଅଟୋମେଟିକ୍ ପାନ୍ ଡିସ୍ପେନ୍ସର'। ମେଶିନ୍‌ରୁ ମନପସନ୍ଦର ପାନ ପାଇବାକୁ ହେଲେ ମେଶିନ୍‌ରେ ଲାଗିଥିବା ବାର୍‌କୋଡକୁ ସ୍କାନ କରିବାକୁ ହେବ। ଏହାପରେ ଇଣ୍ଟରଫେସ୍‌ରୁ ଆପଣଙ୍କ ଫୋନ୍‌କୁ ଉପଲବ୍ଧ ପାନର ଲିଷ୍ଟ ଆସିଯିବ। ଏହାପରେ ଅନ୍‌ଲାଇନ୍ ପେମେଣ୍ଟ କରିଦେଲେ ଏକ ଛୋଟ ବାକ୍ସରେ ସୁନ୍ଦରଭାବେ ପ୍ୟାକ୍ ହୋଇଥିବା ପାନ ବାହାରକୁ ଆସିଯିବ। ଉକ୍ତ ମେଶିନ୍‌ରୁ ଗ୍ରାହକ ଚକୋଲେଟ୍, ମ୍ୟାଙ୍ଗୋ, ଆଇସ୍‌କ୍ରିମ୍, ଡ୍ରାଇ ଫ୍ରୁଟ୍, ମସଲା ଭଳି ବିଭିନ୍ନ ଫ୍ଲେଭର୍‌ର ପାନ ପାଇପାରିବେ। ଏଠାରେ




ସବୁଠାରୁ ଶସ୍ତା ପାନ ୫ଟଙ୍କା ହୋଇଥିବାବେଳେ ଦାମୀ ପାନ ୧୦୦୦ଟଙ୍କାରେ ମିଳିଥାଏ।'' ଶରଦଙ୍କୁ ଏହି ପାନ ଏଟିଏମ୍ କରିବାର ବିଚାର ୧୦ ବର୍ଷ ପୂର୍ବେ ଆସିଥିଲା। ଅନେକ ଚେଷ୍ଟା ପରେ ଶେଷରେ ସେ ଏହାକୁ ତିଆରି କରିବାରେ ସଫଳ ହେଲେ।





# ହାତୁଡି, ଛୁରି ଓ ନିଆଁରେ ହେୟାର୍ କଟ୍

**ଆ**ଜିକାଲି ବିଭିନ୍ନ ପ୍ରକାରର ଷ୍ଟାଇଲିଶ୍ ହେୟାର୍ କଟ୍ ଆସିଲାଣି। ତା'ସହ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଅଜବ ଉପାୟରେ ହେୟାର୍ କଟ୍ ବି କରାଯାଉଛି। ଯେମିତି କି ଅଲି ଅବାସ୍ ନାମକ ଜଣେ ବ୍ୟକ୍ତି ନିଜର ଭିନ୍ନ ଶୈଳୀର କେଶକଟା ପାଇଁ ଏବେ ଲୋକପ୍ରିୟତା ହାସଲ କରିଛନ୍ତି। ସେ ଯେଉଁଭଳି ଭାବେ କେଶ କାଟନ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଯିବେ। ଆଉ ଶକ୍ତ ହୃଦୟର ହୋଇ ନ ଥିଲେ ତ ତାଙ୍କ ପାଖରେ କେଶ କାଟିବାକୁ ଭୟ କରିବେ। କାରଣ ସେ କେଶ କାଟନ୍ତି ହାତୁଡି, ମାଂସକଟା ବଡ ଛୁରି ଓ ନିଆଁ ସାହାଯ୍ୟରେ। ତଥାପି ତାଙ୍କ ସେଲୁନ୍‌ରେ ଯୁବଗୋଷ୍ଠୀ ତଥା ଯେଉଁମାନେ ରୋମାଞ୍ଚକୁ ପସନ୍ଦ କରନ୍ତି ସେମାନଙ୍କର ଗହଳି ଦେଖିବାକୁ ମିଳୁଛି। ଅଲି ପ୍ରଥମେ ଏକ ବର୍ଷ ପର୍ଯ୍ୟନ୍ତ ହାତୁଡି ଓ ମାଂସ କଟା ବଡ଼ ଛୁରିରେ କେଶ କାଟିବା ଅଭ୍ୟାସ କରିଥିଲେ। ପରେ ଯାଇ ଗ୍ରାହକଙ୍କ କେଶ ଏହି ଉପାୟରେ କାଟିଲେ। ସେ ଭଙ୍ଗା କାଚରେ କେଶକୁ ଲେୟର୍ କଟ୍ ଦେବାର ବି ଭିନ୍ନ କୌଶଳ ଜାଣିଛନ୍ତି। ସେ ଆଉ ଏକ ବିପଜ୍ଜନକ ଉପାୟ ମଧ୍ୟ ଆପଣାନ୍ତି। ସେ ହେଉଛି ନିଆଁକୁ ବ୍ୟବହାର କରି କେଶକୁ ଷ୍ଟାଇଲିଶ୍ ଲୁକ୍ ଦେବା।





# ମରୁଭୂମିରୁ ବାହାରିଛି ହାତ

**ଉ**ତ୍ତର ଚିଲିରେ ଥିବା ଆଟାକାମା ମରୁଭୂମି ହେଉଛି ପୃଥିବୀର ସବୁଠାରୁ ଶୁଷ୍କ ମରୁଭୂମି। ଏଠାରେ ବର୍ଷା ବହୁତ କମ୍ ହୁଏ। ୨୫ ବର୍ଷ ପୂର୍ବରୁ ଏହି ଶୁଷ୍କ ମରୁଭୂମିର ଆଣ୍ଟୋଫାଗାସ୍ତା ସହରର କପର୍ ମାଇନିଂ ସେଣ୍ଟର, ସାଣ୍ଟିଆଗୋର ସ୍ଥପତି ମାରିଓ ଇରାରାଜାବଲ୍‌ଙ୍କୁ ଏକ ସ୍ଥାପତ୍ୟ ନିର୍ମାଣ କରି ମରୁଭୂମିର ଶୂନ୍ୟତାକୁ ପୂରଣ କରିବାକୁ କହିଥିଲେ। ଆଉ ୧୯୯୨ ମାର୍ଚ୍ଚରେ ଏକ ଅଦ୍ଭୁତ ସ୍ଥାପତ୍ୟର ନିର୍ମାଣ ସରିଥିଲା। ତାହା ଥିଲା ଏକ ବିରାଟକାୟ ହାତର ପାପୁଲି, ଯାହା ମରୁଭୂମିର ବାଲି ଭିତରୁ ବାହାରିଥିବା ଭଳି ଲାଗେ। ଆଣ୍ଟୋଫାଗାସ୍ତାର ଦକ୍ଷିଣକୁ ୧ ଘଣ୍ଟାର ଦୂରତାରେ ଅଛି ଏହି ବିରାଟକାୟ ହାତର ସ୍ଥାପତ୍ୟ। ୩୬ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ହାତ ସିମେଣ୍ଟ, କଂକ୍ରିଟ୍‌ରେ ତିଆରି। ଏହାର ଫ୍ରେମ୍ ଲୁହାର ଅଟେ। ବିସ୍ତୀର୍ଣ୍ଣ ମରୁଭୂମିରେ ଏହି ବିରାଟକାୟ ହାତ ବହୁ ଦୂର ପର୍ଯ୍ୟନ୍ତ ଦେଖାଯାଏ।